ସକାଳ
THE SAKALA



# 'ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଜରୁରୀ'

**ସମ୍ବଲପୁର, ୩୧ା୩(ସମିସ)**

ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଅଧୀନରେ ହାଇସ୍କୁଲ ଓ କଲେଜଗୁଡ଼ିକ ସାମିଲ ହେବାପରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇଛି। ୫-ଟି ଯୋଜନାରେ ପ୍ରାଥମିକ ସ୍କୁଲକୁ ସାମିଲ କରିବାକୁ ଯୋଜନା କାର୍ଯ୍ୟ କରୁଛି। ଶିକ୍ଷା ବ୍ୟବସ୍ଥାର ମୂଳଦୁଆ କୁହାଯାଉଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ସ୍ଥିତି କିନ୍ତୁ ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ଶିକ୍ଷକ ସମସ୍ୟା ଲାଗିରହିଥିବାବେଳେ ବର୍ତ୍ତମାନ ସରକାରୀ ସ୍କୁଲରେ ନାମ ଲେଖାଇବା ପାଇଁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମିବାରେ ନୈରାଶ୍ୟଜନକ ରହୁଥିବା ଦେଖାଯାଉଛି। ଗତବର୍ଷ ଜିଲ୍ଲାରେ ଥିବା ୧୦୫୫ଟି ସରକାରୀ ବିଦ୍ୟାଳୟରେ ଥିବା ପ୍ରଥମ ଶ୍ରେଣୀରେ ୯୯୧୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଚଳିତବର୍ଷ ଏହି ବିଦ୍ୟାଳୟ ଗୁଡ଼ିକରେ ୯୮୭୫ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଅର୍ଥାତ ଯୁଯୁମୁରାରେ ଗତବର୍ଷ ୮୭୯ଜଣ ଓ ଚଳିତବର୍ଷ ୮୦୫ଜଣ, କୁଚିଣ୍ଡାରେ ଗତବର୍ଷ ୭୮୪ଜଣ ଓ ଚଳିତବର୍ଷ ୭୬୭ଜଣ, ମାନେଶ୍ୱରରେ ଗତ ବର୍ଷ ୮୮୮ ଜଣ ନାମ ଲେଖାଇଥିବାବେଳେ ଚଳିତ ବର୍ଷ ୮୨୦ ଜଣ, ନାକଟିଦେଉଳରେ ଗତବର୍ଷ ୬୮୮ ଜଣ ଓ ଚଳିତ ବର୍ଷ ୬୮୪



## ■ ସୁଦୃଢ଼ ଭିତ୍ତିଭୂମି ଆନୁସଙ୍ଗିକ ବ୍ୟବସ୍ଥା ଆବଶ୍ୟକ
## ■ ଶିକ୍ଷକ ପଦ ପୂରଣ ରୂପାନ୍ତର ହେଲେ ବଢ଼ିବ ଉପସ୍ଥାନ

ଗତବର୍ଷ ତୁଳନାରେ ଏବର୍ଷ ୪୩ଜଣ କମ୍ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ତଥାପି ଜିଲ୍ଲାର ଅନେକ ବ୍ଲକରେ ଥିବା ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଏକ ଶୁଭ ସୂଚନା ହୋଇଥିବାବେଳେ କିଛି ବ୍ଲକରେ ଏହାର ସଂଖ୍ୟା କମିଥିବା ଲକ୍ଷ୍ୟ କରାଯାଉଛି। ଗତ ୨୦୨୨-୨୩ ଶିକ୍ଷାବର୍ଷରେ ଜିଲ୍ଲାର ଧନକଉଡ଼ା ବ୍ଲକରେ ଥିବା ସରକାରୀ ସ୍କୁଲର ପ୍ରଥମ ଶ୍ରେଣୀରେ ୨୬୦୦ ଜଣ ଛାତ୍ର ଛାତ୍ରୀ ନାମ ଲେଖାଇଥିଲେ। ଚଳିତ ୨୦୨୩- ୨୪ ଶିକ୍ଷା ବର୍ଷରେ ଧନକଉଡ଼ା ବ୍ଲକରେ ୨୬୯୯ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ସେହିପରି ବାମରାରେ ଗତ ବର୍ଷ ଓ ଚଳିତ ବର୍ଷ ସମାନ ସଂଖ୍ୟକ ୧୧୫୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ଜମନକିରାରେ ଗତ ବର୍ଷ ୧୧୫୭ ଜଣ ଓ ଚଳିତ ବର୍ଷ ୧୦୨୪ ଜଣ, ରେଢ଼ାଖୋଲରେ ଗତବର୍ଷ ୮୫୦ ଜଣ ଓ ଚଳିତ ବର୍ଷ ୯୨୮ ଜଣ, ରେଙ୍ଗାଲି ବ୍ଲକରେ ଗତ ବର୍ଷ ୯୨୨ ଜଣ ଓ ଚଳିତ ବର୍ଷ ୯୯୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। ବୃଦ୍ଧିଜୀବୀଙ୍କ ମତ ଅନୁଯାୟୀ, ହାଇସ୍କୁଲ ରୂପାନ୍ତରଣ କରି ଉନ୍ନତ ଶିକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ ଅଟେ। ଏହି ବ୍ୟବସ୍ଥାରେ ରାଜ୍ୟରେ ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକର ମଧ୍ୟ ରୂପାନ୍ତରଣ ହେବା ଆବଶ୍ୟକ। ବର୍ଷ ତମାମ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ସମସ୍ୟା ଲାଗିରହିଛି। ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବା ଅତି ଜରୁରୀ ହୋଇପଡ଼ିଛି। ଶିକ୍ଷା ପ୍ରଦାନ ବ୍ୟବସ୍ଥାରେ ମଧ୍ୟ ଉନ୍ନତିକରଣର ଜରୁରୀ ଆବଶ୍ୟକତା ରହିଛି ବୋଲି ବହୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

ପ୍ରକ୍ରିୟା ଆରମ୍ଭ ହୋଇଛନ୍ତି। ଯାହାକି ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଆବଶ୍ୟକ ଭିତ୍ତିଭୂମି ଓ ଆନୁସଙ୍ଗିକ ବ୍ୟବସ୍ଥା ହେଲେ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଜିଲ୍ଲାରେ ବ୍ୟାପକ ପରିବର୍ତ୍ତନ ଆସିବ ବୋଲି ଶିକ୍ଷାବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ସେଥିପାଇଁ ପ୍ରାଥମିକ ଶିକ୍ଷାରେ ପରିବର୍ତ୍ତନ ନିହାତି ଲୋଡ଼ା ବୋଲି ମତପ୍ରକାଶ ପାଇଛି। ରାଜ୍ୟ ସରକାର ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ଯତ୍ନବାନ ଅଛନ୍ତି। ଏଥିପାଇଁ ବ୍ୟାପକ ଯୋଜନା କାର୍ଯ୍ୟକାରୀ ହେଉଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ସହ ଅନ୍ୟାନ୍ୟ ଉନ୍ନୟନ ଲାଗିଛି। ଭିତ୍ତିଭୂମି ସଦୃଢ଼ ନଥିବାରୁ ପ୍ରାଥମିକ ସ୍କୁଲରୁ ଅଭିଭାବକ ମାନେ ମୁହଁ ଫେରାଇବାକୁ ଲାଗିଲେଣି। ଏହାସହ ସ୍କୁଲରେ ସ୍ମାର୍ଟ କ୍ଲାସରୁମ୍, କମ୍ପ୍ୟୁଟର, ଅତ୍ୟାଧୁନିକ ବିଜ୍ଞାନାଗାର ବ୍ୟବସ୍ଥା କରାଯାଉ ବୋଲି ଶିକ୍ଷାବିତ୍‌ମାନେ ଦାବି କରୁଛନ୍ତି। ଜନସଂଖ୍ୟା ବୃଦ୍ଧି ପାଇବା ସହ ଶିଶୁଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବା ଆବଶ୍ୟକ। ସରକାରୀ ପ୍ରାଥମିକ ସ୍କୁଲ ଅପେକ୍ଷା ଛାତ୍ରଛାତ୍ରୀ ଘରୋଇ ଇଂରାଜୀ ସ୍କୁଲରେ ନାମ ଲେଖାଇବାକୁ ଅଧିକ ପସନ୍ଦ କରୁଛନ୍ତି। ସରକାରୀ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା

## ଦେଶୀ ବନ୍ଧୁକ ସହ ୨ ଗିରଫ
# ବନ୍ୟଜନ୍ତୁ ଶିକାର ପାଇଁ ପ୍ରସ୍ତୁତି କରୁଥିଲେ



**ସମ୍ବଲପୁର, ୩୧ା୩(ସମିସ):** ବେଆଇନ ବନ୍ଧୁକ ଓ ଗୁଳିଗୋଳା ଧରି ବନ୍ୟଜନ୍ତୁ ଶିକାର ପାଇଁ ପ୍ରସ୍ତୁତି କରୁଥିବାବେଳେ ପୁଲିସ୍ ଟିମ୍ ଚଢ଼ଉ କରି ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଗୌଡ଼ପାଲି ଫାଣ୍ଡି ଅଧୀନ ବଡ଼ବାହାଲ ଗାଁର ଫକୀର ଛତ୍ରିଆ(୨୭) ଓ ଫକୀର କିସାନ(୨୨)। ରବିବାର ମଧ୍ୟାହ୍ନରେ ଜମନକିରା ଥାନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ଏସଡିପିଓ ଅମିତାଭ ପଣ୍ଡା ସୂଚନା ଦେଇଥିଲେ। ଗତ ୩୦ତାରିଖ ଅପରାହ୍ନ ୪ଟାରେ ଜମନକିରା ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ନେତୃତ୍ୱରେ ଏଏସ୍‌ଆଇ ନିରଞ୍ଜନ ପ୍ରଧାନ, ହାବିଲଦାର ଏସ୍‌କେ ବେହେରା ସଦଳବଳ ବଡ଼ରମା, ମେଣ୍ଢାବାହାଲ ଓ ବଡ଼ବାହାଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ବଡ଼ବାହାଲର ଉଭୟ ବ୍ୟକ୍ତି ବେଆଇନ ଦେଶୀ ବନ୍ଧୁକ ଓ ଗୁଳିଗୋଳା ରଖିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ବନ୍ୟଜନ୍ତୁ ଶିକାର ପାଇଁ ଜଙ୍ଗଲକୁ ଯିବା ରାସ୍ତାରେ ତାଙ୍କୁ ପୁଲିସ୍ ଅଟକାଇ ଯାଞ୍ଚ କରିଥିଲା। ସେମାନଙ୍କ ଠାରୁ ଦେଶୀବନ୍ଧୁକ ୨ଟି, ଛୋଟ ଲୌହ ନିର୍ମିତ ଛର୍ଲାଗୁଳି, ଧାରୁଆ ଛୁରୀ, ଚାପର କଟା ଛୁରୀ ଏବଂ ୨ଗୋଟି ମୋବାଇଲ୍ ଜବତ୍ କରିଥିଲା। ଉଭୟଙ୍କୁ ଜମନକିରା ଥାନାକୁ ଆଣି ପଚରାଉଚୁରା କରିବାରୁ ବନ୍ୟଜନ୍ତୁ ଶିକାର ପାଇଁ ପ୍ରସ୍ତୁତି କରୁଥିବା କହିଥିଲେ। ଏଥିରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ଥିବା ଏସ୍‌ଡିପିଓ ଶ୍ରୀ ପଣ୍ଡା ସୂଚନା ଦେଇଛନ୍ତି। ଏନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ ହେବା ସହ ଦୁଇ ଅଭିଯୁକ୍ତଙ୍କୁ ଆର୍ମ ଆକ୍ଟ ଦଫା ୨୫(୧), ଏଏ ରେ କୋର୍ଟଚାଲାଣ କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ଆଇଆଇସି ପଦ୍ମାଳୟା ସାହୁ ଓ ତାଙ୍କ ଟିମ୍ ଉପସ୍ଥିତ ଥିଲେ।

## ରେଙ୍ଗାଲିରେ କରାଟେ ବେଲ୍ଟ ପ୍ରତିଯୋଗିତା



**ରେଙ୍ଗାଲି, ୩୧ା୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ ନୂଆ ରମ୍ପେଲା କଲ୍ୟାଣ ମଣ୍ଡପଠାରେ କରାଟେ ବେଲ୍ଟ ପ୍ରତିଯୋଗିତା ହୋଇଯାଇଛି। ସମ୍ବଲପୁର ୟୁନାଇଟେଡ୍ ସତୋକାନ ଆସୋସିଏସନ୍ ପକ୍ଷରୁ ଏହି ପ୍ରତିଯୋଗିତା କରାଯାଇଥିଲା। ଏହି ଅବସରରେ ବିନୋଦ ବିହାରୀନନ୍ଦ ମୁଖ୍ୟ ଅତିଥି ଏବଂ ସାମ୍ବାଦିକ ନରେଶ ମାହାଣା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଦେବାଶିଷ ଓରମ୍ ପ୍ରଥମ, ରାହୁଲ ଖଡ଼ିଆ ଦ୍ୱିତୀୟ ଓ ରେଶମା ଖାଡ଼ିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୋଚ ବିବେକାନନ୍ଦ ବେହେରା ପରିଚାଳନା କରିଥିଲେ।

# ଉତ୍କଳମଣି ଶିଶୁ ଶିକ୍ଷାମନ୍ଦିରର ବାର୍ଷିକ ଉତ୍ସବ

**ରେଙ୍ଗାଲି, ୩୧ା୩(ସମିସ):** ରେଙ୍ଗାଲି ବ୍ଲକ ଲାଙ୍ଗବାହାଲଠାରେ ଥିବା ଉତ୍କଳମଣି ଶିଶୁ ଶିକ୍ଷା ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ତଥା ପ୍ରାଥମିକ ବିଭାଗର ପ୍ରଥମ ଶ୍ରେଣୀର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁ ଶିକ୍ଷା ବିସ୍ତାର ସମିତି ଓଡ଼ିଶାର ସମ୍ପାଦକ ମଧୁସୂଦନ ପାତ୍ର ମୁଖ୍ୟ ଅତିଥି




ଏବଂ ସଂଗଠନର ସଂଯୋଜକ ସୁକାନ୍ତ ବିଶୋଇ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ହରିହର ନାଥ ଓ ଶିଶୁ ବିଦ୍ୟା ମନ୍ଦିର ରେଙ୍ଗାଲିର ସଂପାଦକ ସରୋଜ ବିଶୋଇ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଆଶୋକ ମହାପାତ୍ର ବାର୍ଷିକ ବିବରଣୀ ପଠନ କରିଥିଲେ। ସମ୍ପାଦିକା ରଶ୍ମିତା ନାୟକ ବିଦ୍ୟାଳୟର ଆଭିମୁଖ୍ୟ ବର୍ଣ୍ଣନା କରିଥଲେ। ଗୁରୁମା ଲୀସା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଗୁରୁମା ସୁଜିତକ୍ଷ ମିର୍ଦ୍ଧା, କ୍ଷୀତେଶ୍ୱରୀ ସାହୁ ଓ ବିଦ୍ୟାଳୟ ସଭାପତି ଚେତାନନ୍ଦ ମିର୍ଦ୍ଧା ସହଯୋଗ କରିଥଲେ। ପରିଶେଷରେ କୁନି କୁନି ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜୁଆ ଆଡ୍ଡା ଉପରେ ଚଢ଼ଉ; ୭ ଗିରଫ



**କୁଚିଣ୍ଡା, ୩୧ା୩(ସମିସ):** କୁଚିଣ୍ଡା ସୀମାନ୍ତବର୍ତ୍ତୀ ବୁଢ଼ୀଖୁଟେନଠାରେ ଜୁଆଖେଳ ଚାଲିଥିବାବେଳେ କୁଚିଣ୍ଡା ଥାନାଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ ସଦଳବଳ ଚଢ଼ଉ କରିଥିଲେ। ଏହି ସମୟରେ ଜୁଆ ଖେଳୁଥିବା ମନ୍ତ୍ରୀମୁଣ୍ଡାର ବସନ୍ତ କୁମାର ବୁଢ଼ା, କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ. ୪ର ରଞ୍ଜନ ପାତ୍ର(୨୭), ଭୋଜପୁରର ରୀଙ୍କୁ ମୟର(୩୦), ଲଇଡ଼ାଗୁଣାର ସୁଜିତ କୁମାର ନାୟକ(୪୧), ଜମନକିରା ଥାନା ଡୁଲୁବର ସନ୍ତୋଷ କୁମାର ନାୟକ, ତୁରେଇ ନିକ୍ତିମାଳର ଅଶୋକ କୁଆ(୪୩) ଓ ଅର୍ଜୁନପାଲି ଗ୍ରାମର ମଙ୍ଗଳ କିସାନଙ୍କୁ ପୁଲିସ ଗିରଫ କରିଥିଲା। ପୁଲିସ ସେମାନଙ୍କ ଠାରୁ ନଗଦ ୩୦ହଜାର ୫୦ ଟଙ୍କା, ଗୋଟିଏ ମହେନ୍ଦ୍ରା ବୋଲେରୋ ଓଡ଼ି୧୫ଡ଼ି-୯୮୫୫, ଗୋଟିଏ ବାଇକ୍ ଓଆର୍‌୧୫-୯୧୦୬, ଗୋଟିଏ ଚମଡ଼ାର ବାସ୍କେଟ୍, ଘୁଡ୍ଡୁଘୁଡ଼ି ପଟ୍ଟି, ୬ଟି ମୋବାଇଲ ଜବତ କରିଛି। ଅଭିଯୁକ୍ତଙ୍କ ନାରେ କୁଚିଣ୍ଡା ଥାନା କେସ ନଂ.୧୫୦ ତା.୩୦/୩/୨୪ ଓପିଜି ଆକ୍ଟରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଗାଡ଼ି ଧକ୍କାରେ ବାପା ଚେତାଶୂନ୍ୟ
# ନିର୍ବାକ ହୋଇ ଚାହିଁଛନ୍ତି ପରିବାର

**ରେଢ଼ାଖୋଲ, ୩୧ା୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ଗ୍ରାମପଞ୍ଚାୟତ ନିକଟରେ ରାସ୍ତା ଅତିକ୍ରମ କରୁଥିବା ସମୟରେ ରବିବାର ରାତ୍ରି ସମୟରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ବ୍ୟକ୍ତି ଜଣଙ୍କ ହେଲେ ଲୁହାପଙ୍କ ପଞ୍ଚାୟତ ବେତଗଡ଼ ଗ୍ରାମର ଲୋଚନ ଛତ୍ରିଆ। ସୂଚନାଯୋଗ୍ୟ, ସମ୍ବଲପୁର-କଟକ ୫୫ନଂ. ଜାତୀୟ ରାଜପଥ ଲୁହାପଙ୍କ ଗ୍ରାମ ଛକନିକଟରେ ଲୋଚନ ଛତ୍ରିଆ ଜାତୀୟରାଜପଥ ଅତିକ୍ରମ କରୁଥିବା ସମୟରେ ଏକ ଅଜଣା ଗାଡ଼ି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ହୋଇପଡ଼ିଥିଲେ। ତାଙ୍କ ପିଲାଛୁଆ ଏହାଦେଖି କରୁଣ ହୃଦୟରେ କାହାକୁ କିଛି ନ କହି ଚାହିଁ ରହିଥିଲେ। ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରଣ କରିଥିଲେ।



## ବିଦାୟକାଳୀନ ସମ୍ବର୍ଦ୍ଧନା



**ସମ୍ବଲପୁର, ୩୧ା୩(ସମିସ):** ଆଦିବାସୀ ବହୁମୁଖୀ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଜମନକିରା ବ୍ଲକ ଅନ୍ତର୍ଗତ କୁଲୁଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ କୁଲୁଣ୍ଡି ବୃହଦାକାର ଲ୍ୟାମ୍ପ୍ କର୍ମଚାରୀମାନେ ଶ୍ରୀ ପ୍ରଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କର୍ମଚାରୀମାନେ ଶ୍ରୀ ପ୍ରଧାନଙ୍କୁ ଫୁଲତୋଡ଼ା ଓ ଉପଢ଼ୌକନ ଭେଟି ଦେଇ ଗୁଣଗାନ କରିଥିଲେ। ସମ୍ବର୍ଦ୍ଧନା ସଭାରେ ଲ୍ୟାମ୍ପ କର୍ମଚାରୀ ହେମନ୍ତ ଭୋଇ, ସୁବ୍ରତ ନାୟକ, ଗୋବର୍ଦ୍ଧନ ପଧାନ, ମାନସ ପଧାନ, ମହେଶ ମେହେର, ସବ୍ୟସାଚୀ ମହାପାତ୍ର, ସୁଶାନ୍ତ ଅଦାବର, ଦୁର୍ଯ୍ୟୋଧନ ବେହେରା, ମୁକେଶ ସାହୁ, ପବିତ୍ର ନାଥଙ୍କ ସମେତ ଶ୍ରୀ ପ୍ରଧାନଙ୍କ ସହପାଠୀ ପ୍ରଶାନ୍ତ ନାଥ ଶର୍ମା, ସହଦେବ ବେହେରା ଓ ସାମ୍ବାଦିକ ସୁବାସ ଚନ୍ଦ୍ର ନାଥ ଶର୍ମା ଉପସ୍ଥିତ ଥିଲେ। ଏହି ଅବସରରେ ଲ୍ୟାମ୍ପ ପରିସରରେ ଶ୍ରୀ ପ୍ରଧାନଙ୍କ କରକମଳରେ ବୃକ୍ଷରୋପଣ କରାଯାଇଥିଲା।

## ମହିଳା କଲେଜରେ ରକ୍ତଦାନ ଶିବିର

**ରେଢ଼ାଖୋଲ, ୩୧ା୩(ସମିସ):** ସ୍ଥାନୀୟ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ରକ୍ତାଭାବକୁ ଦୃଷ୍ଟିରେ ରଖି ଅନୁଷ୍ଠାନର ଅଧକ୍ଷା ମମତା ବିଶ୍ୱାଳଙ୍କ ଅଧକ୍ଷତାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଛାତ୍ରୀମାନଙ୍କ ଅଭିଭାବକ ଓ ସାଧାରଣ ଲୋକ ଯୋଗଦାନ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ପ୍ରହ୍ଲାଦ ଦେହୁରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାର ଅଧିକାରୀ ଇନ୍ଦ୍ରମଣି ବେହେରା, ମନୋରମ ଧଳ, ରାଜୁ ମୁଖୀଙ୍କ ସକ୍ରିୟ ସହଯୋଗରେ ୧୫ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଗୋପୀନାଥ ଖିଲାରୀ, ପ୍ରଭୁଦତ୍ତ ସ୍ୱାଇଁ, ଅନିତା ପ୍ରଧାନ, ଶୀତଳ ପ୍ରଧାନ, ସସ୍ମିତା ଧଳ, ଲକ୍ଷ୍ମୀପ୍ରିୟା ଜେନା, ସ୍ନିଗ୍ଧାଶ୍ରୀ ବେହେରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।



## ରାଧାକୃଷ୍ଣପଡ଼ା ପ୍ରିମିୟର ଲିଗ ଉଦ୍‌ଘାଟିତ

**ସମ୍ବଲପୁର, ୩୧ା୩(ସମିସ):** ଜମନକିରା ବ୍ଲକ ସଦର ମହକୁମା ରାଧାକୃଷ୍ଣପଡ଼ା ବାଉନ ଗୁଡ଼ାଠାରେ ମା'ବୀଣାପାଣି କ୍ଲବ ଅନୁକୂଲ୍ୟରେ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରାଧାକୃଷ୍ଣ ପଡ଼ା ପ୍ରିମିୟର୍ ଲିଗ୍ ଉଦ୍‌ଘାଟିତ ହୋଇଛି। ଏଥିରେ ସର୍ବମୋଟ ୮ଟି ଦଳ ଭାଗ ନେଉଥିବାବେଳେ ଆଗାମୀ ୨୪ଦିନ ପର୍ଯ୍ୟନ୍ତ ଏହି ରାତ୍ରିକାଳୀନ ଟୁର୍ଣ୍ଣାମେଣ୍ଟ ହେବ। ଏଥିରେ ଜମନକିରା ରାଧାକୃଷ୍ଣପଡ଼ାର ରାଇଜିଙ୍ଗ ନାଇଟ୍, ରୟାଲ ଚେଲେଞ୍ଜର, ଖିଲାଡୀ-୧୧, ଟ୍ରଫି ଫାଇଟର, ବଜରଙ୍ଗ-୧୧, ମହାକାଳ ଟାଇଗର, ଗୋଲଡେନ ଇଗଲ ଦଳ ଭାଗ ନେଇଛନ୍ତି। ବିଜେତା ଦଳକୁ ୨୦, ୦୦୦ ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକୁ ୧୫, ୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି କମିଟି ସଦସ୍ୟ ବିନୋଦ ବରିହା କହିଛନ୍ତି। ଆଦର୍ଶ ବଡ୍ଢେଇ, ଏମ୍‌ଡ଼ି ରାଜ, ସୌରଭ ପଟ୍ଟନାୟକ, ରାଜକୁମାର ରଣା, ବିନୋଦ ବରିହା, ମାସୁମ ଅଗ୍ରୱାଲ, ସୁବ୍ରତ ବଡ୍ଢେଇ, ଶ୍ରୀକାନ୍ତ ବାଘ, ସାଗର ଗୁପ୍ତା, ମଳୟ ବଡ୍ଢେଇ ସହିତ ଅନ୍ୟମାନେ ସହଯୋଗ କରୁଛନ୍ତି।

ଏକାଦଶାହ ଉପଲକ୍ଷେ
ଶ୍ରଦ୍ଧାଞ୍ଜଳି



ସ୍ୱ ସୁଭାଷ ଚନ୍ଦ୍ର ପରିଡା
ଆବିର୍ଭାବ : ୨୨.୦୮.୧୯୪୭
ତିରୋଧାନ : ୨୨.୦୩.୨୦୨୪
ମନାପଡା, ଗୋପ, ପୁରୀ

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀ ଚରଣାବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

-: ଶୋକସନ୍ତପ୍ତ :-
ପୁତ୍ର, ପୁତ୍ର ବଧୂ, ବନ୍ଧୁ ଓ ପରିବାରବର୍ଗ

## ସୁସ୍ଥ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର

**ରେଙ୍ଗାଲି, ୩୧ା୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ସ୍ଥିତ ନୂଆ ରମ୍ପେଲା ଉଚ୍ଚ ବିଦ୍ୟାଳୟ ପରିସରରେ ସୁସ୍ଥ ପରିବେଶ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ପ୍ରକୃତିବନ୍ଧୁ ସୁବ୍ରତ କୁମାର ନାଥ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଝରଣା କୁମାରୀ ବେହେରାଙ୍କ ଅଧକ୍ଷତାରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଜୟନ୍ତୀ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।



## ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ
# ଶେଷ ସନ୍ଧ୍ୟାରେ ସମ୍ବଲପୁରୀ ନାଟକ 'କଥାନୀ' ମଞ୍ଚସ୍ଥ

**ବୁର୍ଲା, ୩୧ା୩(ସମିସ)**

ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ, ଅଭିନେତା ସ୍ୱର୍ଗତ ଡଃ. ପଞ୍ଚାନନ ମିଶ୍ରଙ୍କ ସ୍ମୃତିରେ ପ୍ରଥମ ଅନ୍ତର୍ଜାତୀୟ ଥିଏଟର ଫେଷ୍ଟିଭାଲ ପଞ୍ଚମ ନାଟ୍ୟ ମହୋତ୍ସବ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ନାଟ୍ୟ ମହୋତ୍ସବର ଅନ୍ତିମ ଦିବସରେ ନାଟକ କଥାନୀ ମଞ୍ଚସ୍ଥ ହେବା ସହ ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଦର୍ଶନୀ କଳା ବିଭାଗର ସହଭାଗିତାରେ ସ୍ୱର ସମ୍ବଲପୁର ଦ୍ୱାରା ଆୟୋଜିତ ଏହି ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବର ଶେଷ ସନ୍ଧ୍ୟାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ଓଡ଼ିଶା ନାଟ୍ୟ ସଂଘ ସମ୍ପାଦକ ଶୁଭକାନ୍ତ ପାଢ଼ୀ, ବିଶିଷ୍ଟ କଳାକାର ଜୟନ୍ତ କୁମାର ଦାଶ ଅତିଥି ଭାବରେ ଯୋଗ ଦେଇଥିଲେ। ସତ୍ୟନାରାୟଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପ୍ରଦର୍ଶନ କଳା ବିଭାଗର ସହକାରୀ ପ୍ରାଧ୍ୟାପକ ଅରବିନ୍ଦ ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ଶଙ୍କର ପ୍ରସାଦ ନାୟକ ଏବଂ ଶୀତିକଣ୍ଠ ପତିଙ୍କୁ ପଞ୍ଚମ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହୋତ୍ସବର ସଫଳତା ପାଇଁ ଉଦ୍ୟମ କରିଥିବା କଳାକାର ଓ ସଙ୍ଗଠକ ପ୍ରମୋଦ ଦାଶଙ୍କୁ ବିଶେଷ ଟ୍ରଫି ସହ ସମ୍ମାନିତ କରାଯାଇଥିଲା। ନାଟ୍ୟ ମହୋତ୍ସବର ଶେଷ ସନ୍ଧ୍ୟାରେ ଆୟୋଜକ 'ସ୍ୱର'ର ନିଜସ୍ୱ ପ୍ରସ୍ତୁତି 'କଥାନୀ' ନାଟକ ମଞ୍ଚସ୍ଥ ହୋଇଥିଲା। ଏଡଓଡ ଏଲ୍‌ବିଙ୍କ ମୂଳ ଇଂରାଜୀ ଗଳ୍ପ 'ଦ ଜୁ ଷ୍ଟୋରି' ଏବଂ ଡଃ ପଞ୍ଚାନନ ମିଶ୍ରଙ୍କ ଦ୍ୱାରା ଭାବାନୁବାଦ ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ମାନସ ରଞ୍ଜନ ମିଶ୍ର। ନାଟକଟି ଦର୍ଶକଙ୍କୁ ପ୍ରଭାବିତ କରିବା ସହ ଭାବ ବିହ୍ୱଳ କରିପାରିଥିଲା। ବିଭିନ୍ନ ଭୂମିକାରେ ଅଂଶଗ୍ରହଣ କରିଥିଲେ ବୃନ୍ଦାବନ ମିଶ୍ର 'ସ୍ୱର' ସମ୍ବଲପୁରର ସଭାପତି ବୃନ୍ଦାବନ ମିଶ୍ର, ମାନସ ରଞ୍ଜନ ମିଶ୍ର, ଛନ୍ଦାମୟୀ ମିଶ୍ର, ଅଭିଜିତ ମିଶ୍ର, ଦନାର୍ଦ୍ଦନ ପ୍ରଧାନ, ଦିବ୍ୟାନି ଚଇନି ଏବଂ ଆର୍ଯ୍ୟାନ ଦାଶ। ଆଲୋକ ସଂପାତ ସତ୍ୟନାରାୟଣ ସାହୁ କରିଥିବାବେଳେ ଶିବସାୟା ମିଶ୍ର ଓ ଅବନୀ ରଞ୍ଜନ ସୁନାନୀ ସଙ୍ଗୀତ ପରିଚାଳନା କରିଥିଲେ। ମହୋତ୍ସବର ସଫଳତା ପାଇଁ ଅଭିଷେକ ଶର୍ମା ଏବଂ ପ୍ରମୋଦ ଦାଶ ଉଦ୍ୟମ କରିଥିଲେ।





# ନକଲି ସାର୍ଟିଫିକେଟଧାରୀଙ୍କ ନାଁରେ ମାମଲା

**ପଦ୍ମପୁର, ୩୧।୩(ସମିସ):** ନକଲି ସାର୍ଟିଫିକେଟରେ ଚାକିରି କରୁଥିବା ଦୁଇ ଭାଇଭଉଣୀଙ୍କ ନାଁରେ ଜିଲ୍ଲା ମଙ୍ଗଳ ଅଧିକାରୀ କେସ ରୁଜୁ କରିଛନ୍ତି। ସୂଚନା ଅନୁସାରେ ୨୦୧୨ ମସିହାରୁ ଉଭୟଙ୍କ ନାଁ ରେ ଅଭିଯୋଗ ହୋଇଥିଲା। ଆରଡିସି କୋର୍ଟରେ ହୋଇଥିବା ଅଭିଯୋଗକୁ ରାଜ୍ୟ ତନଖି କମିଟି ରେ ବିଚାର କରି ନକଲି ସାର୍ଟିଫିକେଟର ପ୍ରମାଣ ହେବାପରେ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଉଭୟ ଅଭିଯୁକ୍ତ ନକଲି ସାର୍ଟିଫିକେଟ ଧାରୀଙ୍କ ନାଁରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଥିଲା।

# ଆଦର୍ଶ ଶିକ୍ଷକଙ୍କ ଶ୍ରାଦ୍ଧବାର୍ଷିକୀ



**ବରପାଲି, ୩୧।୩(ସମିସ):** ବରପାଲି ଲକ୍ଷପତି ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ କେବାଡ ଗ୍ରାମରେ ସର୍ଗତଃ ଲକ୍ଷପତୀ ବିଶ୍ୱାଳଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। କମିଟି ସଭାପତି ସୁବଳ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମହେନ୍ଦ୍ର କୁମାର ମେହେରଙ୍କ ସଂଯୋଜନାରେ ସଞ୍ଚାଳିତ ଉତ୍ସବରେ ଗୁରୁ ବନ୍ଦନା ଗାନ କରିଥିଲେ ସୁରେନ୍ଦ୍ର ବୀର ଭୁବନ ଭୋଇ। ବିଜୟାନନ୍ଦ ସାହୁ, ଦୁର୍ଯୋଧନ ବାରିକ, ଗୌର ବିଶ୍ୱାଳ, ଅଚୌତ ମାଝୀ, ତେଜରାଜ୍ ଭୋଇ, ଭାବଗ୍ରାହୀ ବେହେରା, ବୀରେନ୍ଦ୍ର ନାଥ ନାଗ, ମକରଧ୍ୱଜ ବାବୁ, ଡାକ୍ତର ଶ୍ରୀଧର ବିଶ୍ୱାଳ, ବଳିଷ୍ଠ ବିଶ୍ୱାଳ, ଟିକେଲାଲ ବିଶ୍ୱାଳ, ଗଣେଶ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

**ବିଭିନ୍ନ ସ୍ଥାନରେ ହଳଧର ନାଗଙ୍କ ଜନ୍ମଦିନ ପାଳିତ**

# ‘ହଳଧର ସାହିତ୍ୟ ଏକ ମାଇଲ ଖୁଣ୍ଟ’

**ବରଗଡ଼, ୩୧।୩(ସମିସ)**

ବରଗଡ଼ ଜିଲ୍ଲା ଘେଁସଠାରେ ପଦ୍ମଶ୍ରୀ ହଳଧର ନାଗଙ୍କ ୭୪ ତମ ଜନ୍ମ ଦିବସ ରବିବାର ପାଳିତ ହୋଇଛି। ଅଭିମନ୍ୟୁ ସାହିତ୍ୟ ସଂସଦ ଘେଁସ, ମନୋହର ସାଂସ୍କୃତିକ ପରିଷଦ ଭେଡେନ, ସମ୍ବଲପୁରୀ ସାହିତ୍ୟ ପରିଷଦ ବରଗଡ଼, ଆମର ଦମ୍ ବରଗଡ଼, ଖଗେଶ୍ୱର ସାହିତ୍ୟ କଳା ପରିଷଦ ବିଜେପୁର ସମେତ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ତରଫରୁ କବି ହଳଧର ନାଗଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ସୁସ୍ଥ ଓ ନିରାମୟ କାମନା କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଶିଷ୍ଟ ଗବେଷକ ଉତ୍ପନ୍ନ ଭୋଇ ମୁଖ୍ୟଅତିଥି ଓ ସାହିତ୍ୟିକ ଅଶୋକ କୁମାର ପୁଜାହାରୀ ମୁଖ୍ୟ ଆଲୋଚକ ଭାବରେ ଯୋଗଦେଇଥିଲେ। ବରଗଡ଼ ଜିଲ୍ଲାର ପ୍ରତି ବ୍ଲକରେ ଏବଂ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭାଷା ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରିବା, ହଳଧର ନାଗ ଗବେଷଣା କେନ୍ଦ୍ରକୁ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କୁ ଦାବି କରିବା ଦିଗରେ ପଦକ୍ଷେପ ନେବା ଆଦି ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ସମାବେଶରେ କବି ବୃନ୍ଦାବନ ସାହୁ, ହରିଲାଲ ସାହୁ, ଅଧିକାରୀ ସା, ରାମପ୍ରସାଦ ବାଗ, ତେଜରୁ ବାରିକ, ମୁନିରାମ କୁମ୍ଭାର, ଶୋଭାଚନ୍ଦ୍ର ପଧାନ, ଜନୈକ କୁଅଁର, ମାମରାଜ ସ୍ୱାଇଁ, ମକରଧ୍ୱଜ ସାହୁ, ଉମେଶ ପଧାନ, ସଞ୍ଜୟ କୁମାର, ତୁଳସୀ ବାରିକ, କୈଳାସ ରାଜହଂସ, ଦୂର୍ବାଦଳ ମେହେର, ପ୍ରଦୀପ କୁମାର ସାହୁ, ରାଜକିଶୋର ବେହେରା, ରଥି ସାହୁ, ଯଦୁମଣି ପଟେଲ, ପାଣ୍ଡବ ବର୍ଗେ, ସୁଜିତ୍ ରଣା, ଦୂର୍ଗେଶ ମହାନନ୍ଦ, ହିମେଶ ମହାନନ୍ଦଙ୍କ ସମେତ ବହୁ ସଂଖ୍ୟାରେ କବି, ଲେଖକ ଓ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ।





**ସୋହେଲା :** ସୋହେଲା ନିକଟସ୍ଥ ରେଙ୍ଗାଲି ଗ୍ରାମରେ ମାାକାଣି ବୁଡ଼ୀ ଏବଂ ଶିବମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ କବି ସମ୍ମିଳନୀ ହୋଇଥିଲା। ଏହି ଅବସରରେ ପଦ୍ମଶ୍ରୀ ହଳଧର ନାଗଙ୍କ ଜନ୍ମ ଦିବସ ପାଳିତ ହୋଇଥିଲା। ଗାଁର ଗୌନ୍ତିଆ ତଥା ସୋହେଲା କୋର୍ଟ ସରକାରୀ ଓକିଲ ଅଶୋକ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କବି ସମ୍ମିଳନୀ କାର୍ଯ୍ୟକ୍ରମରେ ସମାଜସେବୀ ତଥା ବିଜେଡି ନେତା ସୁବ୍ରତ ସିଂମୁଖ୍ୟ ଅତିଥି, ଜିଲ୍ଲା ଅଦିବାସୀ ପରିଷଦ ଉପାଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କବି ସମ୍ମିଳନୀରେ ପଦ୍ମଶ୍ରୀ ହଳଧର ନାଗ, ବିପ୍ଳବୀ କବି ନିତୀଶ ଚନ୍ଦ୍ର ଆଚାର୍ଯ୍ୟ, ବ୍ୟଙ୍ଗକବି ଗୁଣ ସାଗର ସାହୁ, କ୍ରାନ୍ତିକବି ହରିଲାଲ ସାହୁ, ହାସ୍ୟକବି ଦେବେନ୍ଦ୍ର ସାହୁ ଏବଂ ଯୁବ କବି ମୁନୀରାମ କୁମ୍ଭାର ଯୋଗଦେଇ କବିତା ପାଠ କରିଥିଲେ। ସମ୍ବଲପୁରୀ - କୋଶଲି ଭାଷା ଯେତେଦିନ ସଂସାରରେ ରହିବ ସେତେଦିନ ପର୍ଯ୍ୟନ୍ତ ହଳଧର ସାହିତ୍ୟ ଏକ ମାଇଲ ଖୁଣ୍ଟ ହୋଇରହିବ ବୋଲି ମତ ପ୍ରକାଶ ପାଇଥିଲା।

# ଜେନିତ ଲାୟନ୍ସ ଗୁରୁକୁଳର ବାର୍ଷିକ ଉତ୍ସବ



**ପଦ୍ମପୁର, ୩୧।୩(ସମିସ):** ପଦ୍ମପୁରସ୍ଥିତ ଜେନିଥ ଲାୟନ୍ସ ଗୁରୁକୁଳର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ପିଏମ୍ଏଲ୍ଏସ୍ଇ, ସମ୍ବଲପୁରର ଡ. ଉମେଶ ପ୍ରସାଦ ଖାଡଙ୍ଗା ଯୋଗଦାନ ଦେଇଥିଲେ। ଅନୁଷ୍ଠାନର ମୁଖ୍ୟ ସଭାପତି ପ୍ରତାପ ମିଶ୍ର, ଉପ-ସଭାପତି ସୁଶାନ୍ତ ରଥ, ସଚିବ ପବନ ଅଗ୍ରୱାଲ, ପୂର୍ବତନ ସଭାପତି ମହମ୍ମଦ ଜାବେଦ ଉତ୍ସବରେ ଯୋଗାଦାନ କରିଥିଲେ। ମୁଖ୍ୟଅତିଥି ଖାଡଙ୍ଗା କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମନୋଜ କୁମାର ପଣ୍ଡା ଓ ଅଧ୍ୟକ୍ଷ ଚତୁର୍ଭୁଜ ପ୍ରଧାନ ନିଜର ମତ ଉପସ୍ଥାପନା କରିଥିଲେ। ଉପ-ସଭାପତି ସୁଶାନ୍ତ ରଥ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ବିଭାଗର ବରିଷ୍ଠ ବ୍ୟକ୍ତି ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ସନ୍ତୋଷ ବେହେରା ଓ ଶ୍ରେୟା ଠାକୁର ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶୋଭନା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ପରଶଖଣ୍ଡି ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ

**ପାଇକମାଳ, ୩୧।୩(ସମିସ):** ପାଇକମାଳ ବ୍ଲକ ଛେତଗାଁ ପଞ୍ଚାୟତର ପରଶଖଣ୍ଡି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର୍ ବିତରଣ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଛାତ୍ର-ଛାତ୍ରୀମାନେ ବିଭିନ୍ନ ଖେଳ ଓ ସାଂସ୍କୃତିକ ପ୍ରତିଯୋଗିତାରେ ଭାଗନେଇ ଖୁବ୍ ଉତ୍ସାହିତ ହୋଇଥିଲେ। ଶିକ୍ଷାବର୍ଷ ୨୦୨୩/୨୪ ପଞ୍ଚମ ଶ୍ରେଣୀର ଛାତ୍ର/ଛାତ୍ରୀ ମାନଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜାନକୀ ନେଗୀ ଓ ସନ୍ତୋଷିନୀ ପଟେଲ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ତଥା ସମାଜସେବୀ ଡୋଲାମଣୀ ମାହାର, ବ୍ରାହ୍ମଣଡିହି ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ମହାଦେବ ବେହେରା, ଛେତଗାଁ ସରପଞ୍ଚ ବନିତା ମହାନନ୍ଦ, ଯଦୁମଣୀ ତନସନା, ଗଙ୍ଗାଧର କଲାରୀ, ଉଦ୍ୟୋକ୍ତା ମଣ୍ଡଳୀ ଭାବେ ବେଣୁଧର ରେନ୍ଧିଆ, ଉତ୍ତମ୍ ବାରିକ୍, ଚେନଲାଲ୍ ରେନ୍ଧିଆ, ରମେଶ ତନସନା, ସୁଧିର କଲାରୀ, ଗିରିଧାରୀ ତନସନା, ଅଶୋକ ମହାନନ୍ଦ, ଅଲେଖ ତନସନା, ବିଶିଷ୍ଟ ସମାଜସେବୀ ରାଜୁ ମହାନନ୍ଦ ପ୍ରମୁଖ ଯୋଗଦାନ କରିଥିଲେ। ସ୍ଥାନୀୟ ଶିକ୍ଷକ ସବିତ୍ କୁମାର ମହାଲିଙ୍ଗ ମଞ୍ଚପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।



# ସ୍ୱଭାବ କବି ଶ୍ରାଦ୍ଧ ଶତବାର୍ଷିକୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

**ପଦ୍ମପୁର, ୩୧।୩(ସମିସ):** ସ୍ଥାନୀୟ ରାଜବୋଡାସମ୍ବର ହାଇସ୍କୁଲ ପରିସରରେ ସ୍ୱଭାବ କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ମେହେର କବି ସ୍ମୃତି ପରିଷଦ ଆନୁକୂଲ୍ୟରୁ ଅନୁଷ୍ଠିତ ଏହି ବୈଠକରେ ସଭାପତିତ୍ୱ କରିଥିଲେ ଡ. ପ୍ରମୋଦ କୁମାର ପାଢ଼ୀ। ସମ୍ପାଦକ ଶେଷଦେବ ମେହେର ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସମାଜସେବୀ ନିରୋଜ ଦୋରା, ପ୍ରୀତିରଞ୍ଜନ ପ୍ରଧାନ, ନାଟ୍ୟକାର ଅଶୋକ ବହିଦାର, ଡ. ଜୟକେତନ ତ୍ରିପାଠୀ, ଉପସଭାପତି ରୋହିତ ମେହେର୍, କରୁଣାକର ମେହେର, ରାମଚନ୍ଦ୍ର ମେହେର, କ୍ଷୀରୋଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସାହୁପଡ଼ାରେ ୬୦ତମ ହରି ନାମଯଜ୍ଞ

**ପଦ୍ମପୁର, ୩୧।୩(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ସାହୁପଡ଼ା ଠାରେ ୬୦ତମ ହରିନାମଯଜ୍ଞ ଆରମ୍ଭ ହୋଇଛି। ପ୍ରତ୍ୟେକ ଦିନ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳୁଥିବାବେଳେ ରବିବାର ପୂର୍ଣ୍ଣାହୂତି ଦିନରେ ବିଜେଡି ଆଶାୟୀ ବିଧାୟକ ପ୍ରାର୍ଥୀ ପ୍ରୀତମ ମେହେର ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳକାମନା କରିଥିଲେ। ସହରର ସମସ୍ତ ୱାର୍ଡରୁ ଆସୁଥିବା ଭଗବତ ପ୍ରେମୀ ମାନଙ୍କ ପାଇଁ ଆୟୋଜକ ମାନେ ସମସ୍ତ ପ୍ରକାର ବ୍ୟବସ୍ଥା କରୁଛନ୍ତି।



**ସୋହେଲା ଓକିଲ ସଂଘ ନିର୍ବାଚନ**

# ସୁନିଲ ସଭାପତି; ପ୍ରଫୁଲ୍ଲ ସମ୍ପାଦକ





**ସୋହେଲା, ୩୧।୩(ସମିସ):** ଗତକାଲି ଅନୁଷ୍ଠିତ ହୋଇଥିବା ଓକିଲ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚନରେ ସଭାପତି ଭାବେ ସୁନୀଲ କୁମାର ଅଗ୍ରୱାଲ, ରୋହିତ କୁମାର ଦେବତା ଉପ ସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ, ବିକାଶ ଚନ୍ଦ୍ର ଭୋଇ ସହ ସମ୍ପାଦକ ଏବଂ ରୁଦ୍ରଦାସ ମେହେର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହାବ୍ୟତୀତ ୫ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ବରିଷ୍ଠ ଓକିଲ ଚୂଡ଼ାମଣୀ ମେହେର, ସୁରେନ୍ଦ୍ରନାଥ ପଣ୍ଡା, ବୀରେନ୍ଦ୍ର ପଣ୍ଡା, ଅଶୋକ କୁମାର ବାରିକ ଓ ମିର୍ଜା ଆକବର ବେଗ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି।

# ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧବାର୍ଷିକ ପ୍ରସ୍ତୁତି ବୈଠକ

**ଘେଁସ, ୩୧।୩(ସମିସ):** ବରଗଡ଼ ଜିଲ୍ଲା ସୋହେଲା ବ୍ଲକ ଘେଁସ ନିକଟସ୍ଥ ପେଟୁପାଳି ଗ୍ରାମରେ ଶୁକ୍ରବାର ବଜାର୍ ପ୍ରାଙ୍ଗଣ ଠାରେ ପେଟୁପାଳି ଭୂଲିଆ ସମାଜ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ର ଶ୍ରାଦ୍ଧ ଶତବାର୍ଷିକ ଉତ୍ସବ ଆସନ୍ତା ୮ ତାରିଖ ଅପରାହ୍ଣରେ ପାଳନ କରିବାକୁ ସ୍ଥିର କରାଯାଇଛି। ଏହାସହ ନୂତନ କମିଟି ଗଠନ କରାଯାଇଛି। କାର୍ଯ୍ୟକାରୀ କମିଟିରେ ସଭାପତି ଭାବରେ ଗଜରାଜ ମେହେର, କାର୍ଯ୍ୟକାରୀ ସଭାପତି ଆନନ୍ଦ ମେହେର, ସମ୍ପାଦକ ଚକ୍ରଧର ମେହେର, କୋଷାଧ୍ୟକ୍ଷ ଭବାନୀ ମେହେର, ସଂଯୋଜକ ସୁଶାନ୍ତ ମେହେରଙ୍କୁ ମନୋନୀତ କରାଗଲା।

**ମାନଭଞ୍ଜନ ପ୍ରଧାନ ଜୟନ୍ତୀ**

# ପୁସ୍ତକ ‘ବାରଭାଇ ବେଣ୍ଟାକାର’ ଉନ୍ମୋଚିତ

**ପଦ୍ମପୁର, ୩୧।୩(ସମିସ)**

ସାରସ୍ୱତ ସାଧକ, ସଂସ୍କୃତି ଉପାସକ ସ୍ୱର୍ଗତ ଡ. ମାନଭଞ୍ଜନ ପ୍ରଧାନଙ୍କ ଜୟନ୍ତୀ ଉତ୍ସବ ଗତ ୩୦ ମାର୍ଚ୍ଚରେ ପଦ୍ମପୁରରେ ପାଳିତ ହୋଇଛି। ଏ ଉପଲକ୍ଷେ ଜମଲା କଲେଜର କନଫେରେନ୍ସ ହଲରେ ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ‘ମାନଭଞ୍ଜନ ସ୍ମାରକୀ ବକ୍ତୃତା’ କ୍ରମରେ ଗୌରିଦାସ ପ୍ରଧାନ ‘ନିତ୍ୟ ନୂତନ ସଂସ୍କୃତି’ ଶୀର୍ଷକ ଏକ ଭାବଗର୍ଭକ ଭାଷଣ ପ୍ରଦାନ କରିଥିଲେ। ଅପରାହ୍ଣରେ ଲୁ ନାଟକ ଅଶ୍ରମ ପରିସରରେ ଆୟୋଜିତ ଜୟନ୍ତୀ ସଭାରେ ପଦ୍ମପୁର ଅଞ୍ଚଳର ସାହିତ୍ୟ ସଂସ୍କୃତିପ୍ରେମୀ ବହୁ ସଂଖ୍ୟାରେ ଯୋଗଦାନ କରି ସ୍ୱର୍ଗତ ପ୍ରଧାନଙ୍କର ସ୍ମୃତିଚରଣ କରିଥିଲେ। ଏ ସଭାରେ ବର୍ଷିୟାନ ପ୍ରକୃତିବନ୍ଧୁ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବାବେଳେ କଥାକାର ଧନପତି ମହାପାତ୍ର ଏବଂ ମନୋରଞ୍ଜନ ସିଂ ବରିହା ମଞ୍ଚାସୀନ ଥିଲେ। ଏ ଅବସରରେ ସ୍ୱର୍ଗତ ପ୍ରଧାନଙ୍କ ଦ୍ୱାରା ସମ୍ପାଦିତ ଯୋଗେନ୍ଦ୍ର ସରକାରଙ୍କ ରଚିତ ତଥା ଓକିଲ ତନସନାଙ୍କ ଦ୍ୱାରା ସଂରକ୍ଷିତ ନାଟକ ‘ବାରଭାଇ ବେଣ୍ଟକାର’ ପୁସ୍ତକର ଉନ୍ମୋଚନ କରାଯାଇଥିଲା। ଏ ପୁସ୍ତକର ସମୀକ୍ଷା କେଶରଞ୍ଜନ ପ୍ରଧାନ କରିଥିବାବେଳେ ସମଗ୍ର କାର୍ଯ୍ୟକ୍ରମକୁ ଅଶୋକ ବହିଦାର ପରିଚାଳନା କରିଥିଲେ। ଏ ଜୟନ୍ତୀ ଉତ୍ସବରେ ଡ. ପ୍ରମୋଦ କୁମାର ପାଢ଼ୀ, ମାନଭଞ୍ଜନ ପଣ୍ଡା, ଡ. ଲଳିତେନ୍ଦୁ ନାୟକ, ଡ. ଅବନୀକାନ୍ତ ସାହୁ, ସର୍ବଶ୍ରୀ ଉତ୍ପନ୍ନ କୁମାର ଭୋଇ, ନିରୋଜ ଦୋରା, ଜୟନାରାୟଣ ତ୍ରିପାଠୀ, ଚନ୍ଦ୍ର ପୁରୋହିତ, ଜୟକେତନ ତ୍ରିପାଠୀ, ଶେଷଦେବ ଭୋଇ, ମୀନକେତନ ସାହୁ, ରାଜେନ୍ଦ୍ର ମହାନ୍ତି, ଦୈତାରୀ ବିଶ୍ୱାଳ, ପୀତବାସ ସାହୁ, ସୁନୀତି ଦେବତା, ସବିତା ମହରା, ଦେବରାଜ ତନସନା, ପୌଲସ୍ତ୍ୟ ସାହା ଓ ସୁନୀଲ ବରିହା ପ୍ରମୁଖ ଯୋଗଦାନ କରିଥିଲେ। ପ୍ରୀତିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



# ମହାମାୟା ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ

**ପାଇକମାଳ, ୩୧।୩(ସମିସ):** ପାଇକମାଳ ଲଉଡ଼ମାଳସ୍ଥିତ ମହାମାୟା ପବ୍ଲିକ ସ୍କୁଲର ଦଶମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ସ୍କୁଲର ଚେୟାରମ୍ୟାନ ପୂର୍ବତନ ବିଧାୟକ ସତ୍ୟଭୁଷଣ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିତେନ୍ଦ୍ର ହରିପାଳ, ସମ୍ମାନିତ ଅତିଥି ଭାବେ ପାଇକମାଳ ବ୍ଲକ ଅଧ୍ୟକ୍ଷା ଭାବନା ସିଂ, ପୂର୍ବତନ ବ୍ଲକ ଚେୟାରମ୍ୟାନ ବିନୋଦ କାଳିଆ, ଜ୍ୟୋତିର୍ମୟୀ ସାହୁ ଯୋଗଦେଇ ଥିଲେ। ସ୍କୁଲର ପ୍ରିନସିପାଲ ରେଟନା ରାଜେନ୍ଦ୍ରନ ଉଦ୍ଦେଶ୍ୟ ଜ୍ଞାପନ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରୁଥିବା ବେଳେ ଶିକ୍ଷକ ବିନୋଦ ବେସ୍ରା ମଞ୍ଚ ପରିଚାଳନା କରିଥିଲେ। ସ୍କୁଲର ଡାଇରେକ୍ଟର ଜ୍ୟୋତିର୍ମୟୀ ସାହୁଙ୍କୁ ଗୋଟିଏ ଅର୍ଜୁନ ବୃକ୍ଷ ପ୍ରକୃତି ବନ୍ଧୁ ବଡ଼ ଶତପଥୀ ପ୍ରଦାନ କରି ଗଛଲଗାଇ ଯତ୍ନ ନେବାପାଇଁ ପରାମର୍ଶ ଦେଇଥିଲେ। ସମ୍ପାଦକ ଟଙ୍କଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ୨ ଏକର ଜମି ପାଇଁ ହତ୍ୟାକାଣ୍ଡ

# ପୁଲିସ୍ ଡ୍ରାଇଭର ସାଜିଲା ହତ୍ୟାକାରୀ

**ସମ୍ବଲପୁର, ୩୧।୩(ସମିସ)**

ପୁଲିସ ଡ୍ରାଇଭର ସାଜିଲା ହତ୍ୟାକାରୀ। ସମ୍ବଲପୁର ସଦର ଥାନା ଇଭିଆର ୧୧୨ ଗାଡ଼ିଚଳାଉଥିବା ଆଉଟ୍‌ସୋର୍ସିଂ ଡ୍ରାଇଭର। ଗତକାଲି ସଦର ଥାନା ଅନ୍ତର୍ଗତ କୁଲତାନୂଆପଲି ଗ୍ରାମ ନିକଟରେ ଜମି କିଣା ବିକାକୁ କେନ୍ଦ୍ରକରି ଘଟିଥିଲା ଏକ ଲୋମଟାଙ୍କୁରା ହତ୍ୟାକାଣ୍ଡ। ଗତକାଲି ମଧ୍ୟାହ୍ନରେ ବୈଦାରନୂଆପାଲିର ସବ୍ୟସାଚୀ ସାହୁଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଖୋଦ ପୁଲିସ ଗାଡ଼ିର ଡ୍ରାଇଭର ସୁମନ୍ତ ପ୍ରଧାନଙ୍କୁ ପୁଲିସ ଗିରଫ କରିଛି। ଏକ ଜମି କିଣାବିକା କାରବାରକୁ ନେଇ ମୃତକ ସବ୍ୟସାଚୀ ସହିତ ସୁମନ୍ତର ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଏହି ବିବାଦକୁ ନେଇ ସୁମନ୍ତ ସବ୍ୟସାଚୀକୁ ଗତ କାଲି ଅପରାହ୍ନ ୧୨ଟା ୪୦ରେ ଏକ ଷ୍ଟିଲ ଚାପଡ଼ରେ ବେକ କାଟି ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଥିଲା। ହତ୍ୟାକାଣ୍ଡ ସଂପର୍କରେ ସମ୍ବଲପୁର ଏସପି ମୁକେଶ ଭାମୁ ସାମ୍ବାଦିକ ସମ୍ମିଳନିରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ବୈଦାରନୂଆପାଲିର ସବ୍ୟସାଚୀ ସାହୁ ଜମି ମଧ୍ୟସ୍ଥି ଭାବେ କାମ କରୁଥିଲେ। ୨ ଏକର ଜମି କ୍ରୟ ପାଇଁ ସବ୍ୟସାଚୀ ସୁମନ୍ତ ପ୍ରଧାନଙ୍କୁ ୮ ଲକ୍ଷ ଟଙ୍କା ଦେଇଥିଲେ। ୨୦୨୧-୨୨ମସିହାରେ ଜମିର ମୂଲ୍ୟ ୧୨ ଲକ୍ଷ ଟଙ୍କାରେ ଡିଲ ହୋଇଥିଲା। ସୁମନ୍ତ ୮ ଲକ୍ଷ ଟଙ୍କା ନେବା ପରେ ବି ବିଭିନ୍ନ ସମୟରେ ଆଉ କିଛି ଟଙ୍କା ବି ନେଇଥିଲା ଦୀର୍ଘଦିନ ଧରି ସୁମନ୍ତ ଜମି ରେଜେଷ୍ଟ୍ରି ନକରିବାରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲା। ନିର୍ଦ୍ଧାରିତ ସମୟରେ ଜମି ରେଜେଷ୍ଟ୍ରି ନକରିବା କିମ୍ବା ଟଙ୍କା ଫେରସ୍ତ ନକରିବା ପରେ ଏହି ବିବାଦ ଉଗ୍ର ହୋଇଥିଲା। ଟଙ୍କା ନଦେଲେ ଘରୁ ତାର ସ୍ତ୍ରୀ ଓ ଝିଅକୁ ଅପହରଣ କରିନେବାକୁ ମଧ୍ୟ ମୃତ ସବ୍ୟସାଚୀ ଧମକ ଦେଇଥିଲେ। ଟଙ୍କା ଫେରାଇବା କିମ୍ବା ଜମି ରେଜେଷ୍ଟ୍ରି କରିବା ସମ୍ଭବ ନଥିବାରୁ ସୁମନ୍ତ ଜମିଦଲାଲ ସବ୍ୟସାଚୀକୁ ରାସ୍ତାରୁ ହଠାଇ ଦେବାକୁ ଯୋଜନା କରିଥିଲା। ଗତ କାଲି ସେହି ଜମି ପାଖକୁ ସବ୍ୟସାଚୀକୁ ଡାକି ନେଇଥିଲା। ଜମି ନିକଟରେ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ସୁମନ୍ତ ସବ୍ୟସାଚୀକୁ ପ୍ରଥମେ ଚାପୁଡ଼ା ମାରିଥିଲେ। ଦୁଇ ଜଣଙ୍କ ମଧ୍ୟରେ ଠେଲାପେଲା ବି ହୋଇଥିଲା। ହଠାତ ସୁମନ୍ତ ନିଜ ମଟର ସାଇକେଲରେ ଆଗରୁ ଲୁଚାଇ ରଖିଥିବା ଏକ ମାଂସ କଟା ଚାପଡ଼ ବାହାର କରି ମୁଣ୍ଡ, ବେକ ଓ ତଣ୍ଟିରେ ଚୋଟ ପକାଇଥିଲା। ଏହି ଘଟଣା ପରେ ଚାପଡ଼କୁ ନିକଟସ୍ଥ ବୁଦାରେ ଲୁଚାଇ ସୁମନ୍ତ ଫେରାର ହୋଇ ଯାଇଥିଲା। ପୁଲିସ ଜମିର କାଗଜପତ୍ର, ଏଗ୍ରିମେଣ୍ଟ, ବ୍ଲାଙ୍କ ଚେକ, ହତ୍ୟା ପାଇଁ ବ୍ୟବହୃତ ମାଂସକଟା ଚାପଡ଼, ଗାଡ଼ି, ଡାଇରୀ ଜବତ କରିଛି।






### ହତ୍ୟାକାଣ୍ଡ ପୂର୍ବରୁ ଗାଁରେ ବୁଲୁଥିଲା ବୋଲେରୋ, ୨ ବାଇକ୍

ହତ୍ୟାକାଣ୍ଡ ଘଟିବା ଆଗରୁ ବୈଦାରନୂଆପାଲି ଗ୍ରାମରେ କିଛି ସଂଦିଗ୍ଧ ଏକ ଗ୍ରାମ ଭିତରେ ଏକ ବୋଲେର ଓ ଦୁଇଟି ବାଇକରେ ବୁଲୁଥିବା କୁହାଯାଉଛି। ହତ୍ୟାକାଣ୍ଡ ଘଟିବାର ୨ ଘଣ୍ଟ ପୂର୍ବରୁ ଏହି ଗ୍ୟାଙ୍ଗ ଗ୍ରାମ ଭିତରେ ପଇଁତରା ମାରୁଥିବା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି। ହତ୍ୟା ଖବର ସବୁଆଡ଼େ ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ସ୍ତବ୍ଧ ହୋଇଯାଇଥିଲେ। ହେଲେ ସେହି ଦୁଇ ବାଇକ ଓ ବୋଲେରୋରେ କିଏ ଥିଲେ ସେ ନେଇ କିଛି ଜଣାପଡ଼ି ନାହିଁ। ଏହି ହତ୍ୟାକାଣ୍ଡ ସହ ସେମାନଙ୍କ ସମ୍ପୃକ୍ତ ରହିଛି ନା ନାହିଁ ତାହା ପୁଲିସ ତଦନ୍ତ କରିବାକୁ ଦାବି ହୋଇଛି।

### ଅଭିଯୁକ୍ତ ନିଜେ ପୁଲିସ୍‌କୁ ସୂଚନା ଦେଇଥିଲା

ସୁମନ୍ତ ପୁଲିସ ଗାଡ଼ି ଚଳାଉଥିଲା। ସେଥିପାଇଁ ତାର ଅନେକ ପୁଲିସ କର୍ମଚାରୀଙ୍କ ସହ ଭଲ ସମ୍ପର୍କ ରହିଥିଲା। ଅପରାହ୍ନରେ ସବ୍ୟସାଚୀକୁ ହତ୍ୟା କରିବା ପରେ ଘଟଣା ସ୍ଥଳରୁ ଫେରାର ମାରିଥିଲା। ପରେ ଘଟଣା ସମ୍ପର୍କରେ ପୁଲିସକୁ ସବୁ କହିଥିଲା। ସଦର ପୁଲିସ ଅଭିଯୁକ୍ତକୁ ଗତକାଲି ଥାନାରେ ଅଟକ ରଖିଥିଲା।

### ହତ୍ୟାପଛରେ ଅନ୍ୟ ଜମି ମାଫିଆଙ୍କ ହାତ ଥିବା ସନ୍ଦେହ

ସୁମନ୍ତ ୮ ଲକ୍ଷ ନେବା ପରେ ମଧ ଜମିଟିକୁ ବିକି ନଥିଲା। ଅନ୍ୟ ଜମି ମାଫିଆ ସୁମନ୍ତଙ୍କୁ ଲୋଭ ଦେଖାଇ ସେ ଜମି କିଣିବା ନେଇ ଯୋଜନା କରିଥିବା ଅଭିଯୋଗ ହୋଇଛି। ସେଥିପାଇଁ ବୋଧ ହୁଏ ଏହି ଘଟଣାରେ କେବଳ ସୁମନ୍ତର ଲିଙ୍କ ନଥିବା ଆଲୋଚନା ହେଉଛି। ହତ୍ୟାର କିଛି ସମୟ ପୂର୍ବରୁ ଗ୍ରାମରେ ଗାଡ଼ି ବୁଲୁଥିଲା। ସେମାନଙ୍କ ଏହି ଘଟଣାରେ କିଛି ସଂପର୍କ ରହିଥିବ ବୋଲି ଅଞ୍ଚଳବାସୀ ସଂଦେହ କରୁଛନ୍ତି।

ବଡ଼ଭାଇଙ୍କୁ ହତ୍ୟା ଘଟଣା

## ତାୱାରେ ମାରିଥିବା ସାନଭାଇ ଗିରଫ

**ବୁର୍ଲା, ୩୧।୩(ସମିସ):** ସମ୍ବଲପୁର ମହାନଗର ୧ ନମ୍ବର ୱାର୍ଡ ବୁର୍ଲା ଥାନା ଅନ୍ତର୍ଗତ ସାହାଜବାହାଲ ଗାଁରେ ଗତକାଲି ଜମି ପାଇଁ ବଡ ଭାଇର ଜୀବନ ନେଇଥିଲା ସାନ ଭାଇ। ଆଜି ବୁର୍ଲା ପୁଲିସ ଅଭିଯୁକ୍ତ ସଞ୍ଜୟ ବିଶ୍ୱାଲଙ୍କୁ ଗିରଫ କରିଛି। ଅଭିଯୁକ୍ତ ନିକଟରୁ ହତ୍ୟରେ ବ୍ୟବହୃତ ଲୁହା ତାୱା ଜବତ କରିଛି। ସୂଚନା ଅନୁସାରେ ସାହାଜବାହାଲ ଗାଁରେ ବିପ୍ର ବିଶ୍ୱାଲ ଓ ସାନ ଭାଇ ସଂଜୟ ବିଶ୍ୱାଲଙ୍କ ମଧ୍ୟରେ ଦୀର୍ଘ ବର୍ଷ ଧରି ମନାନ୍ତର ଓ ମତାନ୍ତର ଲାଗି ରହୁଥିଲା। ଘରର ଜମିଠାରୁ ଆରମ୍ଭ କରି ସମସ୍ତ ଜିନିଷର ମାଲିକାନା ବିପ୍ର ହାତରେ ରହୁଥିଲା। ଫଳରେ ଉଭୟଙ୍କ ମଧ୍ୟରେ ଶତ୍ରୁତା ଲାଗି ରହୁଥିଲା। ଯାହା ଫଳରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହେବା ହେବା ସହ ସାନ ଭାଇ ଏକ ତାୱାରେ ବଡ ଭାଇକୁ ଆକ୍ରମଣ କରି ଲହୁ ଲୁହାଣ କରିଥିଲା। ଗୁରୁତର ଅବସ୍ଥାରେ ବିପ୍ରକୁ ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିବାବେଳେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଫଳରେ ଖବର ପାଇ ବୁର୍ଲା ପୁଲିସ ଗାଁରେ ପହଞ୍ଚିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା।



## ଚୋରି ଘଟଣାରେ ଦୁଇ ଗିରଫ

**ସମ୍ବଲପୁର, ୩୧।୩(ସମିସ):** ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲି ରାଜାନଗର ଠାରେ ଜଣେ ବ୍ୟକ୍ତିଙ୍କ ଘରେ ପଶି ଟଙ୍କା ଓ ସୁନାଗହଣା ଚୋରି କରିବା ଘଟଣାରେ ରବିବାର ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଧନୁପାଲି ପୁଲିସ କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ଶନିବାର ରାତି ୭ଟା ସମୟରେ ସୁନାପାଲି ରାଜାନଗର ଠାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରକୁ କେହିନଥିବା ସୁଯୋଗ ନେଇ କେହି ଦୁର୍ବୃତ୍ତ ଘରେ ପଶି ଘରେ ଥିବା ନଗଦ ଟଙ୍କା ସହ ସୁନା ଅଳଙ୍କାର ଚୋରି ହୋଇଥିବା ଧନୁପାଲି ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଅଞ୍ଚଳର ୨୪ ବର୍ଷିୟ ରାହୁଲ ବର୍ମା ଓ ମୋତିଝରଣ ଅଞ୍ଚଳର ୨୨ ବର୍ଷିୟ ଅବଦୁଲ କରିମ୍‌ଙ୍କୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ମିଳିଛି।

## ଭାରତ ବିକାଶ ପରିଷଦ ଓଡ଼ିଶା ପଶ୍ଚିମପ୍ରାନ୍ତ ନିର୍ବାଚନ




**ସମ୍ବଲପୁର, ୩୧।୩(ସମିସ):** ଓଡ଼ିଶା ସାଂସ୍କୃତିକ ସମାଜ ଭବନ ଠାରେ ଭାରତ ବିକାଶ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ କର୍ମକର୍ତ୍ତା ନିର୍ବାଚନ ୨୦୨୪-୨୫ ପାଇଁ ପ୍ରାନ୍ତ ପରିଷଦ ବୈଠକରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ପ୍ରାନ୍ତ ସଭାପତି ଡ. ବିନୋଦ ବିହାରୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପସ୍ଥିତ ସମସ୍ତ ଶାଖାର ସଭାପତି, ସମ୍ପାଦକ ଶାଖା ବିବରଣୀ ଓ ମହାସଚିବ ପ୍ରାନ୍ତ ବିବରଣୀ ପ୍ରଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପୁରୀରୁ ଆସିଥିବା ପ୍ରାନ୍ତ ପର୍ଯ୍ୟବେକ୍ଷକ କ୍ଷେତ୍ରୀୟ ମହିଳା ଓ ବାଲ ବିକାଶ ସଚିବ ସୁପ୍ରୀତି ରଥଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ଆଗାମୀ ବର୍ଷ ପାଇଁ ନୂତନ ପ୍ରାନ୍ତ ସଭାପତି ଡ. ପୁରୁଷୋତ୍ତମ ଅଗ୍ରୱାଲ, ମହାସଚିବ ପ୍ରକାଶ କୁମାର ପଟ୍ଟନାୟକ ଓ ବିତ୍ତ ସଚିବ ଇଂ କୃଷ୍ଣ କୁମାର ଗୁପ୍ତା ନିର୍ବାଚିତ ହୋଇଥିଲେ। ଏହା ସହିତ ପ୍ରାନ୍ତ କାର୍ଯ୍ୟକାରିଣୀରେ ଉପସଭାପତି ଡ. ଛାୟାକାନ୍ତ ଷଡ଼ଙ୍ଗୀ, ସଂଗଠନ ସଚିବ ଦୁର୍ଗା ପ୍ରସାଦ ଶର୍ମା, ସେବା ସଚିବ ଅବନୀ କୁମାର ପାଣିଗ୍ରାହୀ, ସଂସ୍କାର ସଚିବ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ମହିଳା ଓ ବାଲ ବିକାଶ ସଚିବ ଡ. ରଶ୍ମୀରେଖା ଜେନାଙ୍କ ନାମ ଘୋଷଣା କରାଯାଇଥିଲା। କ୍ଷେତ୍ରୀୟ ସମ୍ପର୍କ ସଚିବ ଶ୍ୟାମ ସୁନ୍ଦର ଶର୍ମା ସମସ୍ତ ନବନିର୍ବାଚିତ ପ୍ରାନ୍ତୀୟ କର୍ମକର୍ତ୍ତା ଓ ସମସ୍ତ ଶାଖାର ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇ ଥିଲେ। ପ୍ରାରମ୍ଭରେ ତନୁଜା ପାଢ଼ୀ ବନ୍ଦେ ମାତରମ ଗାନ କରିଥିଲେ। ଶେଷରେ ପ୍ରାନ୍ତ ସଂଗଠନ ସଚିବ ଦୁର୍ଗା ପ୍ରସାଦ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦାୟ ସମ୍ବର୍ଦ୍ଧନା

**ମାଝିପାଲି, ୩୧।୩(ସମିସ):** ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ବିନୋଦ ବିହାରୀ ସିବିଲଙ୍କ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସେ ଗତ ୧୯୯୭ ମସିହାରୁ ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଥିଲେ। ଆଜି ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ ଡ଼. ସାନ୍ତାନୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ତାଙ୍କୁ ଉପଢୌକନ ସହିତ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କର କାର୍ଯ୍ୟକାଳ ସମୟର ଅନୁଭୂତି ସମସ୍ତଙ୍କ ସହ ଆଲୋଚନା କରିଥିଲେ। ଏହି ସଭାରେ ଡା. ସୁମନ୍ତ ହେରେଞ୍ଜ, ଡା. ପ୍ରକାଶ ପରିଡ଼ା, ଡା. ଭବାନୀ ସେଠ, ଡା. ଚିରଞ୍ଜିବି ସୁପକାର, ଦେବବ୍ରତ ସଡ଼ଙ୍ଗୀ, ରୁଦ୍ରଚରଣ ପାତ୍ର, ରୁନୀ ପଟ୍ଟନାୟକ, ଆଶିଷ କୁମାର ସାହୁ ଉପସ୍ଥିତ ରହି ସଭାକାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।



## ଲୋକଙ୍କୁ ଭୟଭୀତ କରି ବିଦ୍ୟୁତ୍ କାଟ୍ ଅଭିଯୋଗ

# ଅଧିକାରୀଙ୍କୁ ତାଗିଦ୍ କଲେ ଜିଲ୍ଲା ବିଜେଡି ସଭାପତି

**ସମ୍ବଲପୁର, ୩୧।୩(ସମିସ):** ସମ୍ବଲପୁର ସହର ମୁଦିପଡ଼ାର ମାଣିକମୁଣ୍ଡା ଅଞ୍ଚଳରେ ଟାଟା ପାୱାର କର୍ମଚାରୀଙ୍କ ଦ୍ୱାରା ବକେୟା ବିଦ୍ୟୁତ୍ ବିଲ ଆଦାୟ କରାଯାଉଥିଲା। ସେଠାରେ ଉପସ୍ଥିତ କର୍ମଚାରୀମାନେ ଲୋକମାନଙ୍କୁ ବିଦ୍ୟୁତ୍ କାଟ୍ ଧମକ ଦେଇ ବିଲ୍ ଆଦାୟ କରୁଥିବା ଅଭିଯୋଗ ହୋଇଥିଲା। ଏହାଶୁଣି ଘଟଣାସ୍ଥଳକୁ ପହଞ୍ଚିଥିଲେ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ। ସେଠାରେ ଉପସ୍ଥିତ ଜନସାଧରଣଙ୍କ ସହିତ ଆଲୋଚନା କରିଥିଲେ। ଟାଟା ପାୱାର କର୍ମଚାରୀଙ୍କୁ ଲୋକମାନଙ୍କୁ କିଛି ସମୟ ଦେବା ପାଇଁ କହିଥିଲେ। ଏହାସହ ପୁରୁଣା ୱେସ୍କୋ ସମୟର ବକେୟା ବିଲ୍‌କୁ ଜୋରଜବରଦସ୍ତ ଆଦାୟ ନ କରିବା ପାଇଁ ତାଗିଦ୍ କରିଥିଲେ। ବର୍ତ୍ତମାନର ଯେତେସବୁ ବିଲ୍ ଅଛି ସେସବୁକୁ ଲାଇନ୍ କାଟିବା ପରିବର୍ତ୍ତେ କିଛି ସମୟ ଦେଇ ଆଦାୟ କରନ୍ତୁ। ଆପଣ ହେଉଛନ୍ତି ସେବା ପ୍ରଦାନ କାରି ସଂସ୍ଥା। ଲୋକଙ୍କ କିଭଳି ଖରାଦିନେ ଅସୁବିଧା ନ ହୁଏ ସେଥିପ୍ରତି ବିଶେଷ ଦୃଷ୍ଟି ଦେବା ପାଇଁ କହିଥିଲେ। ଏହାସହ ଟାଟା ପାୱାରର ଉପରିସ୍ଥ ଅଧିକାରୀଙ୍କ ସହ ଫୋନ୍ ଯୋଗେ କଥା ହୋଇ ଯେଭଳି ଖରାଦିନେ ସମ୍ବଲପୁର ସହରର କୌଣସି ଜନସାଧାରଣ ବିଦ୍ୟୁତ୍ ସେବାରୁ ବିଚ୍ଛିନ୍ନ ନ ହୁଅନ୍ତି, ବକେୟା ବିଲ ଆଦାୟ ପାଇଁ ସେ ଦିଗରେ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ। ଘଟଣାସ୍ଥଳରେ ସମସ୍ୟାର ସମାଧାନ କରିଥିବାରୁ ଜିଲ୍ଲା ବିଜେଡି ସଭାପତିଙ୍କୁ ଧନ୍ୟବାଦ୍ ଦେଇଥିଲେ ପଡ଼ାବାସୀ। ଏହି ସମୟରେ ବିଧାୟକଙ୍କ ସହ ବିଜୁ ଜନତା ଦଳର ନେତୃମଣ୍ଡଳୀ, ବହୁ କାର୍ଯ୍ୟକର୍ତ୍ତା ଏବଂ ସମର୍ଥକ ଉପସ୍ଥିତ ଥିଲେ।

## ଭିଏସ୍‌ଏସ୍ ଷ୍ଟାଡିୟମ୍‌ରେ ଜିଲ୍ଲା ଆଥିଲେଟିକ୍ ମିଟ୍ ଉଦ୍‌ଘାଟିତ



**ସମ୍ବଲପୁର, ୩୧।୩(ସମିସ):** ସମ୍ବଲପୁର ସହର ଭିଏସ୍‌ଏସ୍ ଷ୍ଟାଡିୟମ୍‌ରେ ୫୯ତମ ଜିଲ୍ଲା ଆଥେଲେଟିକ୍ ମିଟ୍ ୨୦୨୩-୨୪ ଶନିବାର ଉଦ୍‌ଘାଟିତ ହୋଇଛି। ପ୍ରଥମଦିନର ବିଭିନ୍ନ ଖେଳଗୁଡ଼ିକ ରାତି ସାଢ଼େ ୭ଟା ପର୍ଯ୍ୟନ୍ତ ହୋଇଥିଲା। ଏହି ୨ଦିନିଆ ପ୍ରତିଯୋଗିତାକୁ ଅତିରିକ୍ତ ଏସ୍‌ପି ହରିଶ କୁମାର ପାଣ୍ଡେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନିଲ୍ କୁମାର୍ ସାହୁ ଓ ଜିଲ୍ଲା କ୍ରୀଡ଼ା ସଂଘର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଆଥେଲେଟିକ ସମ୍ପାଦକ ବିକାଶ ମିଶ୍ରଙ୍କ ସମେତ ଜିଲ୍ଲା କ୍ରିଡ଼ା ସଂଘର ସବୁ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାର ୯ଗୋଟି ବ୍ଲକରୁ ମୋଟ ୮୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଦୌଡ, ଉଚ୍ଚଡ଼ିଆଁ, ଲମ୍ବଡିଆଁ, ସଟ୍‌ପୁଟ୍ ସମେତ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା।

### ବୁର୍ଲାରେ ଦିବାରାତ୍ର ରକ୍ତଦାନ ଶିବିର

## ୧୫୪ୟୁନିଟ୍ ସଂଗୃହୀତ

**ବୁର୍ଲା, ୩୧।୩(ସମିସ):** ବୁର୍ଲା ସହରରେ ଆଜି ପ୍ରଥମଥର ପାଇଁ ସେୟାର ଲାଇଫ୍ ଅର୍ଗାନାଇଜେସନ୍ ତରଫରୁ ଦିବାରାତ୍ର ରକ୍ତଦାନ ଶିବିର ବୁର୍ଲା ରକ୍ତଭଣ୍ଡାରରେ ହୋଇଯାଇଛି। ବୁର୍ଲା ରକ୍ତଭଣ୍ଡାରରେ ରକ୍ତର ଅଭାବ ଓ ଦୂରରୁ ଆସୁଥିବା ରୋଗୀଙ୍କ ଆବଶ୍ୟକତା ପୂରଣ କରିବା ଲକ୍ଷ୍ୟ ନେଇ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଲାଇଫ୍ ଅର୍ଗାନାଇଜେସନ୍‌ର ସଭାପତି ରୋହିତ ପ୍ରଧାନ, ଉପସଭାପତି ନାରାୟଣ ପ୍ରଧାନ, ସାଧାରଣ ସମ୍ପାଦକ ରାହୁଲ ଶର୍ମାଙ୍କ ମିଳିତ ସହଯୋଗରେ ଆଗରୁ ମଧ୍ୟ ଅନେକଥର ରକ୍ତଦାନ ଶିବିର ହୋଇସାରିଛି। ଆଜିର ଏହି ଶିବିରରେ ପର୍ଶୁରାମ ଜେନା, ବବୁଲୁ ବିଭାର, ଛବିଳ ହରିପାଲ, କୈଳାସ ଜେନା, ଅସିତ ମେହେର, ମୋହନ ମେହେର, ଅମିତ ମେହର ସମେତ ଅନେକ ସାମାଜିକ କର୍ମୀ ଯୋଗଦେଇଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ୧୫୪ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।






ଅସହ୍ୟ ତାତି... । ତାତିରୁ ତ୍ରାହି ପାଇବା ପାଇଁ ଛୋଟ ପିଲାମାନେ ଜିଲ୍ଲା ସ୍କୁଲ ଛକରେ ଥିବା ପାଇପ୍ ପାଣି ଗାଧୋଇବାର ମଜା ନେଉଛନ୍ତି। (ଫଟୋ-ନରସିଂହ)

### ବାଇକ୍ ଚୋର ଗିରଫ

ସମ୍ବଲପୁର, ୩୧।୩(ସମିସ): ଧନୁପାଲ ଥାନା ନକ୍ସାପାଲି ଅଞ୍ଚଳରୁ ବାଇକ୍ ଚୋରି ଅଭିଯୋଗରେ ଜଣେ ଅଭିଯୁକ୍ତ ଗିରଫ ହୋଇଛି। ଅଭିଯୁକ୍ତ ହେଲା ମୁଣ୍ଡୋଘାଟର ପୂର୍ଣ୍ଣ ଦାସ। ରାତିରେ ଯୁବକ ଶୋଇ ବାଇକ୍‌କୁ ବାହାରେ ରଖିଥିଲେ। ଏହି ସମୟରେ ପୂର୍ଣ୍ଣ ଆସି ବାଇକ୍‌କୁ ନେଇ ଯାଇଥିଲା। ପରେ ଯୁବକ ଉଠି ତାକୁ ଗୋଡ଼ାଇଥିଲେ ହେଲେ ସେଠାରୁ ଖସି ପାଳାଇଥିଲା। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଦୋକାନରୁ ଗହଣା ଚୋରି

ସମ୍ବଲପୁର, ୩୧।୩(ସମିସ): ଧନୁପାଲି ଥାନା ଅର୍ନ୍ତଗତ ଭତରା ଅଞ୍ଚଳରେ ଥିବା ଏକ ଗହଣା ତିଆରି ଦୋକାନରୁ ଚୋରି ହୋଇଛି। ମାଲିକ ରାତିରେ ଦୋକାନ ବନ୍ଦ କରି ଘରକୁ ଯାଆଇଥିଲେ। ସକାଳୁ ଆସି ଦେଖିବା ବେଳକୁ ଦୁବୃର୍ତ୍ତ ଦୋକାନରୁ ସବୁ ଗହଣା ଓ ୩୦ ହଜାର ଟଙ୍କା ନେଇ ଯାଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ଶୁଭମ୍ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଯାପିତ

**ବୁର୍ଲା, ୩୧।୩ (ସମିସ):** ଗୋଶାଳା କଲ୍‌ପଡ଼ା ଆମ୍ବେଦକର କ୍ଲବ ପକ୍ଷରୁ ଶୁଭମ୍ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ସମୁଦାୟ ୧୬ ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ସମଲେଶ୍ୱରୀ କ୍ଲବ ବୁର୍ଲା ଓ ପୋଡ଼ବାଡ଼ି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୋଡ଼ବାଡିକୁ ହରାଇ ବୁର୍ଲା ସମଲେଶ୍ୱରୀ କ୍ଲବ ବିଜୟୀ ହୋଇଛି। ପୋଡ଼ବାଡ଼ି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର୍ ରେ ୮୭ ରନ୍ ସଂଗ୍ରହ କରିଥିଲା। ବୁର୍ଲା ସମଲେଶ୍ୱରୀ କ୍ଲବ ନିର୍ଦ୍ଧାରିତ ୮୮ ରନର ପିଛା କରି ଏହାକୁ ୮ ଓଭରରେ ହାସଲ କରିଥିଲା। ବିଜେତା ଦଳକୁ ୨୦ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଉପବିଜେତା ଦଳକୁ ୧୦ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବରେ କଳାମାଟି ସରପଞ୍ଚ ଡ. ସୁଷମା ସାହୁ, ସମ୍ମାନିତ ଅତିଥି ଭାବରେ ମଞ୍ଜିତ୍ କୌର, ୟୁକୋ ବ୍ୟାଙ୍କ ମ୍ୟାନେଜର ଗୁରୁଚରଣ ହରିପାଲ ପ୍ରମୁଖ ଯୋଗ ଦେଇଥିଲେ।



## ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଜୟନ୍ତୀ

# ‘ଓଡ଼ିଶା ରାଜନୀତିରେ ପଶ୍ଚିମ ଓଡ଼ିଶାର ସ୍ୱର ଅଧିକ କ୍ଷୀଣ’

**ସମ୍ବଲପୁର, ୩୧।୩(ସମିସ)**

ଓଡ଼ିଶା ରାଜନୀତିରେ ପଶ୍ଚିମ ଓଡ଼ିଶାର ସ୍ୱର ଅଧିକ କ୍ଷୀଣ ହେଉଥିବାରୁ ଏ ଅଞ୍ଚଳ ଉପେକ୍ଷା ଓ ଅବହେଳାର ଶିକାର ହେଉଛି ବୋଲି ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ୧୧୨ତମ ଜୟନ୍ତୀ ସଭାରେ ମତପ୍ରକାଶ ପାଇଛି। ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ଉପସଭାପତି ଶିବ ନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଜୟନ୍ତୀ ସଭାରେ ପ୍ରଶାନ୍ତ ପାଟଯୋଶୀ, ଦୀପକ କୁମାର ପଣ୍ଡା ଓ ଅରବିନ୍ଦ ମହାପାତ୍ର ପ୍ରମୁଖ ବକ୍ତା ରୂପେ ଯୋଗ ଦେଇଥିଲେ। ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ପରିଚାଳିତ ଗଣତନ୍ତ୍ର ପରିଷଦ ଯୋଗୁଁ ଓଡ଼ିଶାର କ୍ଷମତା ରାଜନୀତିରେ ଏକ ଭାରସାମ୍ୟ ରହିଥିଲା। ଓଡ଼ିଶା ରାଜନୀତିରେ ପଶ୍ଚିମ ଓଡ଼ିଶାର ଭାଗିଦାରୀ ଥିଲା। ଅନ୍ୟଥା ପଶ୍ଚିମ ଓଡ଼ିଶାର ନେତୃବୃନ୍ଦଙ୍କ ପକ୍ଷ ଛେଦନ ପାଇଁ ବରାବର ଷଡ଼ଯନ୍ତ୍ର ହୋଇଆସିଛି। ୮୦ଦଶକ ଠାରୁ ଓଡ଼ିଶା ରାଜନୀତିରେ ପଶ୍ଚିମ ଓଡ଼ିଶାର ଗୁରୁତ୍ୱ ରହିନାହିଁ ବରଂ ପଶ୍ଚିମ ଓଡ଼ିଶାକୁ ଉପଯୋଗ କରାହୋଇ ଆସିଛି। ପଶ୍ଚିମ ଓଡ଼ିଶା ଅନୁକମ୍ପା ଆଶ୍ରିତ ହୋଇଯାଇଛି। ଏବେ ସ୍ଥିତି ଏପରି ହେଲାଣି ଯେ ତୃତୀୟ ଶ୍ରେଣୀର ସରକାରୀ ଚାକିରୀରେ ମଧ୍ୟ ସ୍ଥାନୀୟ ଯୁବକଯୁବତୀଙ୍କୁ ସୁଯୋଗ ମିଳୁନାହିଁ। ପଶ୍ଚିମ ଓଡ଼ିଶାବାସୀଙ୍କ ଦାବି ଓ ଆବଶ୍ୟକତାକୁ ଏଡ଼ାଇ ଦିଆଯାଉଛି ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ରାଜନୈତିକ, ପ୍ରଗତି ମୂଳକ ସ୍ଥିତିକୁ ନେଇ ଉଦବେଗ ପ୍ରକାଶ କରିବା ସହିତ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ବ୍ୟକ୍ତିତ୍ୱ ଏବଂ ତାଙ୍କ କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ଡଃ ସିଦ୍ଧାର୍ଥ ପଣ୍ଡା ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଲଳିତ ବେବର୍ତ୍ତା ଧନ୍ୟବାଦ ଅର୍ପଣ କରିଥିଲେ।



# ଏକ୍ସପ୍ରେସ୍ ଟ୍ରେନ୍ ଶୌଚାଳୟରୁ ଶବ ଉଦ୍ଧାର

**ଝାରସୁଗୁଡ଼ା, ୩୧।୩(ସମିସ):** ଝାରସୁଗୁଡ଼ା ରେଳ ଷ୍ଟେସନ ପରିସରରେ ଟ୍ରେନ୍‌ରେ ଯାତ୍ରା କରୁଥିବା ଜଣେ ପୁରୁଷ ଯାତ୍ରୀ (୩୦)ଙ୍କ ଶବ ଟ୍ରେନ୍‌ର ଶୌଚାଳୟ ମଧ୍ୟରୁ ଠାବ କରାଯାଇଛି। ଝାରସୁଗୁଡ଼ା ଜିଆର୍‌ପି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତକଙ୍କ କୌଣସି ପରିଚୟ ମିଳିପାରିନାହିଁ। ତେବେ ସହଯାତ୍ରୀଙ୍କ କହିବାନୁସାରେ ଯାତ୍ରୀ ଜଣଙ୍କ ବଙ୍ଗଳା ଭାଷାରେ କଥା ହେଉଥିବାରୁ ସେ ପଶ୍ଚିମବଙ୍ଗର ହୋଇଥିବା ସନ୍ଦେହ କରାଯାଉଛି। ଟ୍ରେନ ନମ୍ବର-୧୨୧୦୧ ଲୋକମାନ୍ୟତିଲକ-ସାଲିମାର ଜ୍ଞାନେଶ୍ୱରୀ ଏକ୍ସପ୍ରେସ ଯୋଗେ ଜଣେ ଯାତ୍ରୀ ସାଧାରଣ ବଗିରେ ଯାତ୍ରା କରୁଥିଲେ। ବିଳାସପୁର ଷ୍ଟେସନ ପହଞ୍ଚିବା ପୂର୍ବରୁ ଯାତ୍ରୀ ଜଣଙ୍କ ଅସୁସ୍ଥ ହୋଇ ପଡ଼ିଲେ। ଏପରିକି ଯାତ୍ରୀଜଣଙ୍କ ତଳେ ଶୋଇ ପଡୁଥିଲେ। ଏହାର କିଛି ସମୟ ପରେ ଯାତ୍ରୀ ଜଣଙ୍କ ଶୌଚାଳୟ ଯାଇ ଆଉ ଫେରି ନ ଥିଲେ। ତେବେ ବିଳାସପୁର ଷ୍ଟେସନରେ ସହଯାତ୍ରୀମାନେ ଏସମ୍ପର୍କରେ ଟିଟିଇଙ୍କୁ ଅବଗତ କରାଇଥିଲେ। ଟିଟିଇ ଘଟଣା ସମ୍ପର୍କରେ ଜାଣିବା ବେଳକୁ ଟ୍ରେନ୍‌ଟି ଷ୍ଟେସନ ଛାଡ଼ି ସାରିଥିଲା। ଏହାପରେ ଟିଟିଇ ଏ ସମ୍ପର୍କରେ କମର୍ସିଆଲ କଣ୍ଟ୍ରୋଲକୁ ଅବଗତ କରାଇଥିଲେ। ତେବେ କମର୍ସିଆଲ କଣ୍ଟ୍ରୋଲ କର୍ତ୍ତୃପକ୍ଷ ନିକଟସ୍ଥ କୌଣସି ଷ୍ଟେସନକୁ ଏ ସମ୍ପର୍କରେ ଅବଗତ କରିବା ପରିବର୍ତ୍ତେ ସିକ୍ୟୁରିଟୀ ସେଲ୍‌ଫ୍‌କୁ ସୂଚନା ଦେଇଥିଲେ। ସିକ୍ୟୁରିଟୀ ସେଲ୍‌ଫ ମଧ୍ୟ ନିକଟସ୍ଥ ଷ୍ଟେସନକୁ ଅବଗତ ନ କରି ୨୨୦ କିମି ଦୂରରେ ଥିବା ଝାରସୁଗୁଡ଼ା ଷ୍ଟେସନକୁ ଅବଗତ କରିବା ସହିତ ଶୌଚାଳୟରୁ ଯାତ୍ରୀଙ୍କୁ ବାହାର କରି ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ। ଝାରସୁଗୁଡ଼ା ରେଳ ଷ୍ଟେସନରେ ଟ୍ରେନ୍ ପହଞ୍ଚିବା ପରେ ଶୌଚାଳୟରୁ ଯାତ୍ରୀଙ୍କୁ କାଢିବାକୁ ଉଦ୍ୟମ



କରାଯାଇଥିଲା। କିନ୍ତୁ ଷ୍ଟେସନ କର୍ତ୍ତୃପକ୍ଷ ସାହସ ଜୁଟାଇ ପାରିନଥିଲେ। ଏହି ପ୍ରକ୍ରିୟାରେ ପ୍ରାୟ ୪୫ ମିନିଟ୍ ଗଡ଼ି ଯାଇଥିବା ବେଳେ ଜିଆର୍‌ପି ପୁଲିସ୍‌ର ଉପସ୍ଥିତିରେ ଜଣେ ସୁଇପର କବାଟ ଭାଙ୍ଗି ଭିତରେ ପଶିବା ସହିତ ଉକ୍ତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। କାଳେ ସେ ବଞ୍ଚିଥିବେ ଆଶଙ୍କା କରି ପୁଲିସ୍ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଗ୍ରହଣ ଘୋଷଣା କରିଥିଲେ।

# ରୟତି ଜମିରେ ବଳପୂର୍ବକ ରାସ୍ତା ନିର୍ମାଣ

## ୪ଟି ଗାଁର ଅଧିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ଝାରସୁଗୁଡ଼ା, ୩୧।୩(ସମିସ)**

ଝାରସୁଗୁଡ଼ା ଜିଲ୍ଲା ଲୋଇସିଂ ପଞ୍ଚାୟତ ବାରଭାଟି ଗ୍ରାମରେ ବାଲି କାଢିବା ପାଇଁ ଲୋକଙ୍କ ରୟତି ଜମିକୁ ବଳପୂର୍ବକ ଜବରଦଖଲ କରିବା ଆରମ୍ଭ କରିଦେଇଛନ୍ତି। ଏ ସଂକ୍ରାନ୍ତରେ ଚାରୋଟି ଗ୍ରାମର ଅଧିବାସୀ ଝାରସୁଗୁଡ଼ା ଜିଲ୍ଲାପାଳ ଓ ବ୍ରଜରାଜନଗର ପୁଲିସ୍‌ର ଦ୍ୱାରସ୍ଥ ହୋଇ ନ୍ୟାୟ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ଇବ୍ ନଦୀର ଚାରଭାଟି ଘାଟଟି ଦୀପକ ରାଏ ନାମକ ବ୍ୟକ୍ତିଙ୍କୁ ଲିଜ୍ ସୂତ୍ରରେ ମିଳିଛି। ପୂର୍ବରୁ ଏହି ଲିଜଧାରୀଙ୍କ ନାମରେ ରହିଥିବା ଘାଟରୁ ବାଲି ଉଠାଣରେ ଅନିୟମିତତାର ଲମ୍ବା



ଅଭିଯୋଗ ରହିଥିବା ସତ୍ତ୍ୱେ ଖଣି ବିଭାଗର ମଧୁଚନ୍ଦ୍ରିକାରେ ତାଙ୍କୁ ପୁଣି ଏକ ଘାଟ ଲିଜରେ ଦିଆଯାଇଛି। ନିୟମାନୁସାରେ ବାଲିଘାଟରୁ ବାଲି ଉଠାଣ ପାଇଁ ଲିଜ୍‌ଧାରୀ ନିଜ ପ୍ରୟାସରେ ରାସ୍ତା ତିଆରି କରିବା କଥା। ମାତ୍ର ଚାରଭାଟିରେ ଲିଜଧାରୀଙ୍କ ଜନୈକ ସମ୍ପର୍କୀୟ ଜମି ମାଲିକଙ୍କ ବିନା ଅନୁମତିରେ ରୟତି ଜମି ଉପରେ ରାସ୍ତା ନିର୍ମାଣ କରି ବେଧଡ଼କ ବାଲି ଗାଡ଼ି ବାହାର କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ବରଂ ଲୋକେ ନିଜ ଜମିରେ ବାନ୍ଧିଥିବା ବାଡ଼ ମଧ୍ୟ ବାଲି ମାଫିଆ ଭାଙ୍ଗି ଦେଉଛନ୍ତି। ଅନ୍ୟ ପକ୍ଷରେ ଲିଜଧାରୀଙ୍କ ସମ୍ପର୍କୀୟ ଗ୍ରାମବାସୀଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ବେଳେ ଆଉ ଗୋଟିଏ ପଟେ ପୁଲିସ୍ ପକ୍ଷରୁ ବି ସେମାନେ କୌଣସି ସୁରକ୍ଷା ପାଉନଥିବା ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେଇ ଦୃଢ଼ ପଦକ୍ଷେପ ନେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଖଣି ଅଧିକାରୀ ଚୂଡ଼ାମଣି ବିଶ୍ୱାଳଙ୍କୁ ପଚାରିବାରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି।

## ଅମାନିଆଙ୍କୁ ଛାଟ; ୧୫ ବାଇକ୍ ଜବତ

**ଝାରସୁଗୁଡ଼ା, ୩୧।୩(ସମିସ):** ବିକଟାଳ ଶବ୍ଦ ସୃଷ୍ଟି କରି ସହର ଭିତରେ ଦ୍ରୁତ ଗତିରେ ଯାଉଥିବା ୧୫ ଜଣ ବାଇକ୍ ଚାଳକଙ୍କୁ ଝାରସୁଗୁଡ଼ା ପୁଲିସ୍ ଅଟକ ରଖିଛି। ଏପରିକି ଉକ୍ତ ବାଇକ୍ ଗୁଡ଼ିକର ସାଇଲେନ୍ସରକୁ ପୁଲିସ ଜବତ କରିଛି। ବାଇକ୍ ଚାଳକଙ୍କୁ ଚେତାବନୀ ଦେଇ ଛାଡ଼ି ଦିଆଯିବ ବୋଲି ସୂଚନା ମିଳିଛି। ଗତ ୩ ମାସ ମଧ୍ୟରେ ଝାରସୁଗୁଡ଼ା ପୁଲିସ୍ ଏଭଳି ୫୦ରୁ ଅଧିକ ସାଇଲେନସର ଜବତ କରିଥିଲେ ସୁଦ୍ଧା ଅଦ୍ୟାବଧି ଏହି ସାଇଲେନ୍ସର ବିକ୍ରେତାଙ୍କ ଉପରେ ଲଗାମ୍ ଲାଗିପାରୁନି। ଫଳରେ ପୁଲିସ୍ ଚଢ଼ାଉର ବିଶେଷ କିଛି ସୁଫଳ ମିଳି ପାରୁ ନ ଥିବା ଅଭିଯୋଗ ହେଉଛି।

## ଶଶୁରଙ୍କୁ ଆକ୍ରମଣ କରି ଜ୍ୱାଇଁ ଗିରଫ

**ରିଆମାଳ, ୩୧।୧(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ଥାନା ବୈଶ୍ୟପଡ଼ା ଗ୍ରାମରେ ଶଶୁରଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗରେ ପୁଲିସ୍ ଅଭିଯୁକ୍ତ ଜ୍ୱାଇଁକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ବୈଶ୍ୟପଡ଼ା ଗ୍ରାମର ଦନ୍ତାରୁ ଗଡ଼ତି।

ଶୁକ୍ରୁ ନାଏକଙ୍କ ଝିଅ ଚହଟଙ୍କୁ ଗ୍ରାମର ଦନ୍ତାରୁ ବିବାହ କରିଛି; ମାତ୍ର କୌଣସି କାରଣକୁ ଗତ ୨୯ ତାରିଖ ଦନ୍ତାରୁ ତା' ସ୍ତ୍ରୀ ଚହଟଙ୍କୁ ଗାଳିଗୁଲଜ କରିବା ସହ ପଥର ମାଡ଼ କରିଥିଲା। ଟାଙ୍ଗିଆ ଧରି ହତ୍ୟା ଧମକ ଦେଇଥିଲା। ଶୁକ୍ରୁ ବାରଣ କରିବାରୁ ଉତକ୍ଷିପ୍ତ ହୋଇ ଏକ ଠେଙ୍ଗାରେ ଦନ୍ତାରୁ ଆକ୍ରମଣ କରିଥିଲା। ଶୁକ୍ରୁ ଗୁରୁତର ଆହତ ହୋଇଥିଲେ। ଡାକ୍ତରଖାନାକୁ ଚିକିତ୍ସା ପରେ ଫେରି ରିଆମାଳ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ ଅଭିଯୁକ୍ତ ଦନ୍ତାରୁ ଗିରଫ ହୋଇଛି।

## ଗୁଡ଼ମ ନାମଯଜ୍ଞ ଉଦ୍‌ଯାପିତ

**ଲଖନପୁର, ୩୧।୩(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ସୀମାନ୍ତ ଗୁଡ଼ମରେ ଗତ ବୁଧବାରରୁ ଆରମ୍ଭ ହୋଇଥିବା ଚବିଶ ପ୍ରହର ନାମଯଜ୍ଞ ରବିବାର ଉଦଯାପିତ ହୋଇଯାଇଛି। ଏହି ଯଜ୍ଞରେ ଫୁଲେନ୍ଦୁ ସା ପତ୍ନୀକ କର୍ତ୍ତା ଓ ତୁଳସୀ ପୁରୋହିତ ପୂଜକ କାର୍ଯ୍ୟ ତୁଲାଇଥିଲେ। ରୂପାନନ୍ଦ ପଧାନ, ରାଜୁ ପଧାନ, ପଞ୍ଚାନନ ବାରିକ, ମୂରଲୀ ନାଏକ, ପ୍ରଭାକର ପଧାନ, ଗୋବିନ୍ଦ ସାହୁ ପ୍ରମୁଖ ଷଡ଼ ବୈଷ୍ଣବ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଯଜ୍ଞ ଉପଲକ୍ଷେ ସୀମାନ୍ତ ଛତିଶଗଡ଼ର ବୁରଦା, ଠେଙ୍ଗାଗୁଡ଼ି, ମହଲୋଇ, ବିଶ୍ୱନାଥପାଲି ସହିତ ପଡ଼ୋଶୀ ଗ୍ରାମ ପିଥିଣ୍ଡା ଗାଁର ସଂକୀର୍ତ୍ତନ ଦଳ ଅଂଶଗ୍ରହଣ କରି ନଗର କୀର୍ତ୍ତନ କରିଥିବା ବେଳେ ଆଖପାଖ ଗାଁରୁ ଶତାଧିକ ଭକ୍ତ ଉପସ୍ଥିତ ରହି ଆୟୋଜନକୁ ସଫଳ କରିଥିଲେ।

# ପଟ୍ଟାରୁ ବଞ୍ଚିତ ରାଇତାବାହାଲ ପଞ୍ଚାୟତର ଏକାଧିକ ଗାଁ

**ଦେବଗଡ଼, ୩୧।୩(ସମିସ):** ଦେବଗଡ଼ ଜିଲ୍ଲାର ବହୁ ଗ୍ରାମ ୧୯୭୩ ମସିହାଠାରୁ ରେଙ୍ଗାଳି ବନ୍ଧ ଯୋଜନା ପାଇଁ ଜଳରେ ବିଲିନ ହୋଇଯାଇଛି। ସେହି ଦିନଠାରୁ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ବିଭିନ୍ନ ପଞ୍ଚାୟତରେ ବିଭିନ୍ନ ସ୍ଥାନରେ କ୍ଷତିଗ୍ରସ୍ତ ଲୋକେ ଥଇଥାନ ହୋଇ ଘର ଦ୍ୱାର ଜମିବାଡି ତିଆରି କରି ପରିବାର ସହ ବସତି ସ୍ଥାପନ କରିଆସୁଛନ୍ତି; ହେଲେ ବିଡ଼ମ୍ବନାର ବିଷୟ ରାଇତାବାହାଲ ପଞ୍ଚାୟତର କଦଳିପାଳ, ଗୋଠମଡା, ଗଣନାଥପୁର, ହରିହରପୁର, ସୁନାମୁଣ୍ଡା, ଭଗବତପୁ ଓ ଚାରିମଞ୍ଜା ଆଦି ଗ୍ରାମ ଗୁଡିକୁ ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇ ନାହିଁ। ଏହା ଫଳରେ ଉକ୍ତ ଗ୍ରାମର ଜନସାଧାରଣ ବିଭିନ୍ନ କ୍ଷେତ୍ରରେ ନାହିଁ ନ ଥିବାର ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏହାସହ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏମିତି କି ରାଜସ୍ୱ ଗ୍ରାମ ନ ହେଇଥିବା କାରଣରୁ ଏବଂ ଘର ଡିହ ନ ଥିବା ହେତୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର ବାହାରି ପାରୁନି। ଏଣୁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ତେବେ ଏ ସବୁ ସମସ୍ୟାର ସମାଧାନ ସାଧାରଣ ନିର୍ବାଚନ ପୂର୍ବରୁ ନ କଲେ ଗ୍ରାବବାସୀ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ରବିବାର ରାଇତାବାହାଲ ପଞ୍ଚାୟତ ବାରବକଳିଆ ବସଷ୍ଟାଣ୍ଡ ଛକରେ ସମସ୍ତ ଗ୍ରାମର ଗ୍ରାମବାସୀ ଏକତ୍ରିତ ହୋଇଥିଲେ। ଏକ ଜରୁରୀ ବୈଠକ ଡକାଯାଇ ଏଭଳି ଚରମ ନିଷ୍ପତ୍ତି ନିଆଯାଇଛି।

**ଭୋଟ ବର୍ଜନ ନିଷ୍ପତ୍ତି**

# ବିଜୁ ଛାତ୍ର ଜନତା ପକ୍ଷରୁ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଏବଂ ନିର୍ବାଚନ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ

**ବ୍ରଜରାଜନଗର, ୩୧।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଏବଂ ଛାତ୍ରଛାତ୍ରୀଙ୍କ ନିର୍ବାଚନ ଇସ୍ତାହାର ପାଇଁ ମତାମତ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ପଳାଶ କର୍ମକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବନେତା ପୁରୁଷୋତ୍ତମ ମହାନ୍ତି, ବିଜୁ ଛାତ୍ର ଜନତା ରାଜ୍ୟ କାର୍ଯ୍ୟକାରୀ



ସଭାପତି ମିକୁ ପ୍ରଧାନ, ସାଧାରଣ ସମ୍ପାଦକ ବିକାଶ ଧଳ, ସଚିବ ଗୌରବ ବାରିକ, ଅତିରିକ୍ତ ସଚିବ କୈଳାଶ ଚଇନି, ବିଜୁ ଛାତ୍ର ଜନତା ଦଳ ସମ୍ବଲପୁର ଜୋନ ଉପ ସଭାପତି କାହ୍ନୁ ପୋଡ଼, ସାଧାରଣ ସମ୍ପାଦକ ପ୍ରଣବ ଭଟ୍ଟାଚାର୍ଯ୍ୟ, ବ୍ରଜରାଜନଗର ପୌର ପରିଷଦ ବିଜୁ ଛାତ୍ର ଜନତା ଦଳ ସଭାପତି ଲଳିତ ତନ୍ତୀ, ଝାରସୁଗୁଡ଼ା ପୌର ପରିଷଦ ବିଜୁ ଛାତ୍ର ଜନତା ଦଳ ସଭାପତି ସୁମନ୍ତ, କୁଲାବିରା ବିଜୁ ଛାତ୍ର ଜନତା ବ୍ଲକ ସଭାପତି ପ୍ରଶାନ୍ତ ମହାନନ୍ଦଙ୍କ ସହିତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ବିଭିନ୍ନ ଅଞ୍ଚଳରୁ ଏହି କାର୍ଯ୍ୟକ୍ରମରେ କର୍ମୀ ମାନେ ଯୋଗଦାନ କରି ନବୀନ ଓଡ଼ିଶା ମ୍ୟାଜିକ କାର୍ଡ ଏବଂ ନିର୍ବାଚନ ଇସ୍ତାହାର ପାଇଁ ମତାମତ ଦେଇଥିଲେ।

# ଗୋବିନ୍ଦପୁରରେ ଅଷ୍ଟପ୍ରହର ନାମଯଜ୍ଞ

**ବ୍ରଜରାଜନଗର, ୩୧।୩ (ସମିସ):** ଝାରସୁଗୁଡ଼ା ବ୍ଲକ ଚାନ୍ଦିନୀମାଲ ପଞ୍ଚାୟତ ବରପାଲି ଗ୍ରାମର ଗୋବିନ୍ଦପୁର ପଡ଼ାରେ ତିନି ଦିନ ଧରି ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ ହୋଇଯାଇଛି। ଅନୁଷ୍ଠିତ ନାମଯଜ୍ଞରେ ପୂଜକ ଅତୁଲ୍ୟ ବଡ଼ପଣ୍ଡା ସମସ୍ତ



ପୂଜା ଦାୟିତ୍ୱ ତୁଲାଇଥିବା ବେଳେ କୈଳାଶ ପ୍ରଧାନ ଓ ରାଜେଶ୍ୱରୀ ଭୋଇ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ଷଡ଼ବୈଷ୍ଣବ ଭାବରେ ନେତ୍ରାନନ୍ଦ ବିଶି, ବୁଲୁ ବଡ଼୍ବାଇ, ଚୈତନ୍ୟ ପ୍ରଧାନ, ସିଦ୍ଧାର୍ଥ ବଡ଼୍ବାଇ, ମାନସ ବିଶି, ସୁଶିଳ ଧୂରୁଆ ରହିଥିଲେ। ଝାରସୁଗୁଡ଼ା ଗୋପାଳ ଜୀ ମଠର ଶ୍ରୀ ଶ୍ରୀ ୧୦୮ ମହନ୍ତ ଦାମୋଦର ଦାସ ଗୁରୁ ମହାରାଜ ଏହି ଅଷ୍ଟ ପ୍ରହର ନାମଯଜ୍ଞରେ ଯୋଗଦାନ କରିଥିଲେ। ଚିଚିଣ୍ଡା, ଚାନ୍ଦିନୀମାଲ, କେଛୋବାହାଲ, ଲୋଇସିଂ, ଚାରଭାଟି ଗନ୍ତିଆପଡ଼ା, ରାଜପୁର, ବଡ଼ଯୋବ, ସମ୍ବଲପୁର କୁମାକାପାଲି, ଲଖନପୁର ଜାମଗାଁ କୀର୍ତ୍ତନମଣ୍ଡଳୀ ଏଥିରେ ଯୋଗ ଦେଇଥିଲେ। ୨୯ ତାରିଖ ଶୁକ୍ରବାର କଳସ ଯାତ୍ରା ସହ ୩୦ ତାରିଖ ଶନିବାର ନାମ ଆରମ୍ଭ ହୋଇଥିବା ବେଳେ ୩୧ ତାରିଖ ରବିବାରରେ ନଗର ଭ୍ରମଣ ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି, ଝାରସୁଗୁଡ଼ା ଜିଲ୍ଲାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ସଞ୍ଜୁଲତା ପାଉଲେ, ବିଜେଡି ଯୁବ ନେତା ପୁରୁଷୋତ୍ତମ ମହାନ୍ତି, ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀ ମିଶ୍ର, ଗୌରମାଲ ସରପଞ୍ଚ ରାଜକୁମାର ସାଏ, ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ରାଧେଶ୍ୟାମ ପ୍ରଧାନ, ରାଜପୁର ପୂର୍ବତନ ସରପଞ୍ଚ ଈଶ୍ୱର ପ୍ରଧାନ, ଲୋଇସିଂ ପୂର୍ବତନ ସରପଞ୍ଚ ଦୁଷ୍ମନ୍ତ ପଟେଲ ପ୍ରମୁଖ ଯୋଗ ଦେଇ ଆଶୀର୍ବାଦ ଲାଭ କରିଥିଲେ। କମିଟି ସଭାପତି ରୋମାଞ୍ଚ ବଡ଼୍ବାଇ, ସମ୍ପାଦକ ନିବାସ ବିଶି, କୋଷାଧ୍ୟକ୍ଷ ହେମନ୍ତ ଧୁରୁଆ, ରମାକାନ୍ତ ପ୍ରଧାନ, ଟିକନାଥ ବିଶି, ଅରବିନ୍ଦ ପ୍ରଧାନ, ଡ଼ଗ୍ର ବିଶି, ଈଶ୍ୱରୀ ମାଝୀ, ଶେଷଦେବ ପ୍ରଧାନ, ରମାକାନ୍ତ ବଡ଼୍ବାଇ, ତୁଲାରାମ ପ୍ରଧାନ, ସେବକ ବିଶି, ସରୋଜ ପ୍ରଧାନ, ନରେଶ ବଡ଼୍ବାଇ, ଅଜିତ ବଡ଼୍ବାଇ, ଆଶିଷ ଧୁରୁଆ, ଉଜ୍ଜ୍ୱଳ ବଡ଼୍ବାଇ, ରଜତ ବିଶି, ସୁବ୍ରତ ବିଶି, ରୋଶନ ପ୍ରଧାନ, ବବଲୁ ପ୍ରଧାନ, ରୁପେଶ ପ୍ରଧାନ, ରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ପରେ ସମସ୍ତଙ୍କ ପାଇଁ ପଡ଼ାବାସୀଙ୍କ ତରଫରୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା।

# ଫେରାର କଏଦୀ ଗିରଫ

**ଟିଟିଲାଗଡ଼, ୩୧।୩(ସମିସ):** ଟିଟିଲାଗଡ଼ ଉପକାରାଗାରରୁ ଫେରାର କଏଦୀ ସୁମିତ ବେହେରା ଗିରଫ ହୋଇଛି। ଗତ ୯ ତାରିଖରେ ଟିଟିଲାଗଡ଼ ଉପକାରାଗାରରୁ ୨ ଜଣ କଏଦୀ ସୁମିତ ଏବଂ ଶୋଭାବନ ରାଣା ଫେରାର ହୋଇଯାଇଥିଲେ। ଏନେଇ ଜେଲ୍ କର୍ତ୍ତୃପକ୍ଷ ଟିଟିଲାଗଡ଼ ଥାନାରେ ଅଭିଯୋଗ କରିଥିଲେ। ଘଟଣାନେଇ ଜେଲ ଡିଆଇଜି କୁଳମଣି ବେହେରା ତଦନ୍ତ ସହ ଦୁଇଜଣ ୱାର୍ଡରଙ୍କୁ ନିଲମ୍ବିତ କରିଥିଲେ। କଏଦୀ ଫେରାର ହେବା ପଛରେ ଅଧୀକ୍ଷକଙ୍କ ଭୂମିମା ନେଇ ଡିଆଇଜି ସନ୍ଦେହ ପ୍ରକାଶ କରିଥିଲେ। ଉଭୟ କଏଦୀ ଜେଲ ପାଚେରି ବାହାରେ ଥିବା ଜେଲ ଅଧୀକ୍ଷକଙ୍କ ଘରେ କାମ କରୁଥିବା ତଥା ବାହାରେ ସର୍ବସାଧାରଣ ସ୍ଥାନରେ ଜେଲ କର୍ମଚାରୀଙ୍କ ସହ ଭୋଜି ଭାତରେ ସାମିଲ ହୋଇଥିବା ଆଲୋଚନା ହୋଇଛି। ସୁମିତ ଜଣେ ଶିଶୁକୁ ହତ୍ୟା ଏବଂ ଏବଂ ଶୋଭାବନ ଦୁଇ ଜଣ ଶିଶୁଙ୍କୁ ବଳି ଦେଇଥିବା ଅଭିଯୋଗରେ ଗିରଫ ହୋଇଥିଲା। ବର୍ତ୍ତମାନ ଟିଟିଲାଗଡ଼ ପୁଲିସ ଜଣେ ଅଭିଯୁକ୍ତ ସୁମିତକୁ ଗିରଫ କରି ସିନ ରିକ୍ରିଏସନ ପାଇଁ ପୁଲିସ ଏସ୍‌ଡିପିଓ ଅଙ୍କିତା କୁମ୍ଭୀର, ଆଇଆଇସି ଅବନୀ ସାହୁ ପୁଲିସ ବଳ ସହିତ ଉପକାରାଗାରକୁ ଆଣିଛନ୍ତି। ପରେ ଟିଟିଲାଗଡ଼ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଏସ୍‌ପି ରୋଷିକେଶ ହିଲାରୀ ଏନେଇ ତଥ୍ୟ ପ୍ରଦାନ ସହ ତଦନ୍ତ ଚାଲିଥିବା କହିଛନ୍ତି।

# ଆମ୍ବେଦକର ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

**ବରଗଡ଼, ୩୧।୩(ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଅମଠି ବଜାର ଠାରେ ଆମ୍ବେଦକର ଯୋଦ୍ଧା ତରଫରୁ ଆମ୍ବେଦକରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆମ୍ବେଦକର ଯୋଦ୍ଧାର ସଭାପତି ମହେଶ କୁମାର ବାଗ, ସମ୍ପାଦକ ପୀତାମ୍ବର ବାଗ, ଜିଲ୍ଲା ସଭାପତି କୁଶ ତାଣ୍ଡି, ଆଇନ ଛାତ୍ର ସୁଜନ ବାଗ, ଝାରବନ୍ଧ ବ୍ଲକ ସଭାପତି ପ୍ରଦୀପ ଦୀପ, ପାଇକମାଳ ବ୍ଲକ ସମ୍ପାଦକ ମହେନ୍ଦ୍ର ଜଗତ, ଅଜିତ ତାଣ୍ଡି, ଝାରବନ୍ଧ ସଂଯୋଜକ ପରମେଶ୍ ସୁନାନି ଆହୁରି ଅନେକ ସଦସ୍ୟ ଉପସ୍ଥିତିରେ ଏହି ନିଷ୍ପତ୍ତି ନିଆଯାଇଛି। ସବଡିଭିଜନ ସଭାପତି ଡୋଳାମଣି ସୁନା, ପାଇକମାଳ ବ୍ଲକ ସଭାପତି ତ୍ରିଲୋଚନ ସୁନା, ପଦ୍ମପୁର ବ୍ଲକ ସଭାପତି ମନୁ କୁମ୍ଭାର ଆହ୍ୱାନ ଦେଇଛନ୍ତି।

# ବହୁବିଧ ସମସ୍ୟା ଭୋଗୁଛନ୍ତି ଗୌଡପଡ଼ା ଓ କିସାନପଡ଼ା ବାସୀ

**ଝାରସୁଗୁଡ଼ା, ୩୧।୩(ସମିସ)**

ଝାରସୁଗୁଡ଼ା ସହରର ସରବାହାଲ ଗୌଡପଡ଼ା ଓ କିସାନପଡ଼ା ବାସୀ ମୌଳିକ ସୁବିଧାରୁ ଦୀର୍ଘ ଦିନ ଧରି ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।



ମୁଖ୍ୟତଃ ରାସ୍ତା, ପାଣି ବିଦ୍ୟୁତ, ଖେଳ ପଡ଼ିଆ, ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ସମେତ ବିଭିନ୍ନ ସମସ୍ୟାରେ ଗୌଡପଡ଼ା ଓ କିସାନପଡ଼ାବାସୀ ଛଟପଟ ହେଉଛନ୍ତି। ଏହି ଦୁଇ ପଡ଼ାର ମୁଖ୍ୟ ରାସ୍ତା ଦୀର୍ଘ ଦିନରୁ ଶୋଚନୀୟ ହୋଇ ପଡ଼ିଥିବା ବେଳେ ରାସ୍ତାରେ ଛୋଟ୍ ବଡ଼ ଗାତ ହେବା ଫଳରେ ଗାଡ଼ି ଚାଳକ, ଶିକ୍ଷାନୁଷ୍ଠାନ କର୍ମଚାରୀ, ଛାତ୍ର ଛାତ୍ରୀଙ୍କ ସମେତ ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗୌଡପଡ଼ା ମୁଖ୍ୟ ରାସ୍ତା କଡ଼ରେ ଥିବା ନାଳ ଉପରେ ଢାଙ୍କୁଣି ନ ଥିବାରୁ ଗାଇ ଗୋରୁ ସମେତ ବିଭିନ୍ନ ଗାଡ଼ି ଚାଳକ ଦୁର୍ଘଟଣାଗ୍ରସ୍ତ ହେଉଥିବା ପରିଲକ୍ଷିତ ହେଉଛି। ଅନ୍ୟପଟେ ମୁଖ୍ୟ ରାସ୍ତା ଉପରେ ପିଏଚଡ଼ି ପାଇପ ଯାଇଥିବା ବେଳେ କେତେକ ସ୍ଥାନରେ ପାଇପ୍ ଫାଟି ପାଣି ରାସ୍ତା ଉପରେ ଯାଉଛି। ବେଳେ ବେଳେ ପିଏଚଡ଼ି ପାଇପ୍ ଦ୍ୱାରା ପାଣି ଆସୁ ନ ଥିବାରୁ ଲୋକେ ପାଣି ବୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି। କିସାନ ପଡ଼ାରେ ଥିବା ଏକ ଘରୋଇ ଖେଳ ପଡ଼ିଆରେ ସ୍ଥାନୀୟ ଖେଳାଳି ଫୁଟବଲ ଅଭ୍ୟାସ କରୁଥିଲେ। ସୂଚନାଯୋଗ୍ୟ ଗତ କିଛି ମାସ ତଳେ ଉକ୍ତ ଖେଳ ପଡ଼ିଆ ଜାଗା ବିକ୍ରି ହୋଇଥିବାରୁ ଖେଳାଳିମାନେ ଖେଳକୁଦରୁ ବଞ୍ଚିତ ହୋଇଛନ୍ତି। ଠିକ୍ ସେହିପରି ଗୌଡପଡ଼ା ଓ କିସାନପଡ଼ା ବାସୀ ସରବାହାଲ ବାଇପାସ୍ ସରକାରୀ ପୋଖରୀକୁ ସ୍ନାନଶୌଚାଦି ପାଇଁ ଯାଉଛନ୍ତି। ତେବେ ସେମାନଙ୍କ ପଡ଼ାରେ ଏକ ପୋଖରୀ ନିର୍ମାଣ ପାଇଁ ଦାବି ହେଉଛି। ସେ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ରାସ୍ତା କଡ଼ରୁ ଦୀର୍ଘ ଦିନରୁ ଅଇଳା ଆବର୍ଜନା ଉଠୁନାହିଁ। ଅଇଳା ଆବର୍ଜନା ଉଠୁ ନ ଥିବାରୁ ପରିବେଶ ପ୍ରଦୂଷଣ ହେବା ସହିତ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି ସ୍ଥାନୀୟ କାଉନସିଲର ଓ ପୌର ପରିଷଦ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ବିଭିନ୍ନ ସ୍ଥାନରେ ନାମଯଜ୍ଞ



**କୁଚିଣ୍ଡା, ୩୧।୩ (ସମିସ):** କୁଚିଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ବକ୍ସମା ଗ୍ରମପଞ୍ଚାୟତ କୁମୁରାଗୁଡ଼ାଠାରେ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଗୁରୁବାର କଳସ ସ୍ଥାପନ ସହ ପୂଜକ ରମାକାନ୍ତ ମିଶ୍ର ରୀତିନୀତିରେ ହୋମକାର୍ଯ୍ୟ କରିଥିଲେ। ଏଥିରେ ୫ଟି କୀର୍ତ୍ତନ ମଣ୍ଡଳୀ ଶ୍ରଦ୍ଧାପାଳି, ବାଉରୀଗୋଡ଼ା, ତୁରେଇ ନିକ୍ତିମାଲ, ଠାକୁର ନିକ୍ତିମାଲ, ଟାଇଁସର କୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଛନ୍ତି। ରବିବାର ପୂର୍ବାହ୍ନରେ ନାମଯଜ୍ଞର ପୂର୍ଣ୍ଣାହୂତି ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ପ୍ରକାଶ। ଠିକ୍ ସେହିପରି କୁଚିଣ୍ଡା ଏନ୍‌ଏସି ୱାର୍ଡ ନଂ.୧୦ର ତେଲି କୁଣ୍ଡାପୋଷିଠାରେ ମଧ୍ୟ ନାମଯଜ୍ଞ ଅନୁଷ୍ଠିତ ହେଉଛି। ରବିବାର ପୂର୍ବାହ୍ନରେ ଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ଯଜ୍ଞ କମିଟି ପକ୍ଷରୁ ପ୍ରକାଶ। ୱାର୍ଡ ନଂ ୪ ଗଣେଶପଡ଼ାରେ ମଧ୍ୟ ଅଷ୍ଟପ୍ରହରୀ ନାମଯଜ୍ଞ ହେଉଛି। ଶନିବାର ଯଜ୍ଞର ପୂର୍ଣ୍ଣାହୂତି ହେବ। ଏଥିପାଇଁ ସବୁଠାରେ ଭକ୍ତଙ୍କ ଭିଡ଼ ଲାଗିରହୁଛି।

